# ଚିଲିକା ଉତ୍ତରନାଶୀରେ ବିଦେଶୀ ପକ୍ଷୀଙ୍କ କଳରବ

କଣାସ,୨୨।୧୧(ବିଭୂତି ଭୂଷଣ ତ୍ରିପାଠୀ)

ଶୀତରତୁରେ ପ୍ରତିବର୍ଷ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ହଜାର ହଜାର କି.ମି. ଅତିକ୍ରମ କରି ଆସି ଚିଲିକାରେ ସମୟ ବିତାଇଥାନ୍ତି। ପକ୍ଷୀ ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଲକ୍ଷାଧିକ ପକ୍ଷୀ ରହୁଥିବା ବେଳେ ଦୟା ଓ ମକରା ନଦୀର ମିଶ୍ରଣସ୍ଥଳରେ ଦଳ, କଇଁଫୁଲ ପ୍ରଚୁର ପରିମାଣରେ ଥିବାରୁ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲନ୍ତି। ଚଳିତବର୍ଷ ଡେରି ହେଲେ ମଧ୍ୟ ଶହ ଶହ ପକ୍ଷୀ ବର୍ତ୍ତମାନ ଚିଲିକାର ଉତ୍ତରନାଶୀରେ ବୁଲୁଥିବା ଦେଖିବାକୁ ମିଳୁଛି।

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଚିଲିକାର ବିଦେଶୀ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବା ବେଳେ ଉତ୍ତରନାଶୀରେ କୌଣସି ବ୍ୟବସ୍ଥା ନ ଥିବାରୁ ଶିକାରୀମାନେ ସନ୍ଧ୍ୟା ସମୟରେ ଆସି ଚିଲିକା ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକୁ ଆସି ଫାଶୀ ଜାଲ, କଇଁଫୁଲ



କେଶରରେ ନିଶାଦ୍ରବ୍ୟ ସିରିଞ୍ଜ୍ ମାଧ୍ୟମରେ ଦେବା, ଉଜ୍ଜ୍ୱଳ ଆଲୋକ ପକାଇ ପକ୍ଷୀମାନଙ୍କୁ ଆହତକରି ଧରି ନେଇ ପ୍ରଭାତରୁ ନିର୍ବିଘ୍ନରେ ଫେରିଯାଉଛନ୍ତି। ଦୟା, ଭାର୍ଗବୀ, ଲୁଣାନଦୀର ମିଶ୍ରଣସ୍ଥଳ ବଡ଼ଗୋଠ ନିକଟରେ ପକ୍ଷୀ ସୁରକ୍ଷା ପାଇଁ ଏକ କୁଡ଼ିଆ ନିର୍ମାଣ କରାଯାଇଥିଲେ ମଧ୍ୟ ସେଠାରେ କେହି ରହୁ ନ ଥିବା ଦେଖିବାକୁ ମିଳିଛି। ପକ୍ଷୀମାନଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ପକ୍ଷୀପ୍ରେମୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲକୁ ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠ ନାମକରଣ କରାଯାଉ

ପିପିଲି,୨୨।୧୧(ପ୍ରଭାତ କୁମାର ମହାପାତ୍ର)

ପିପିଲି ଦାଣ୍ଡମୁକୁନ୍ଦପୁରଠାରେ ଥିବା ହାଇସ୍କୁଲ ପରିସରରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର ନାମ ପରିବର୍ତ୍ତନ କରାଯାଇ 'ଗୋପବନ୍ଧୁ ସ୍ମୃତି ବିଦ୍ୟାପୀଠ' ରଖିବା ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ଓଡ଼ିଆ, ଭାଷା, ସାହିତ୍ୟ ପାଇଁ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତେଣୁ ଏହି ଶିକ୍ଷାନୁଷ୍ଠାନ ନାମରେ ଇଂଲିଶ ଶବ୍ଦର ବ୍ୟବହାର କରା ନ ଯାଇ ପରିବର୍ତ୍ତନ କରାଯାଉ। ଏଥିପାଇଁ ପଦକ୍ଷେପ ନେବାକୁ ବିଭିନ୍ନ ସ୍ତରରେ ନିବେଦନ କରାଯିବ ଏବଂ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଜନ ସ୍ୱାର୍ଥ ସୁରକ୍ଷା ସମିତି ସଂଯୋଜକ ସନ୍ତୋଷ କୁମାର ମିଶ୍ର ମତ ରଖିଥିଲେ। ବୁଦ୍ଧିଜୀବୀ ଅଜୟ କୁମାର ମହାନ୍ତି, ପ୍ରସନ୍ନ ଦାସଙ୍କ ସହ ସମସ୍ତ ଉପସ୍ଥିତ ସଭ୍ୟ ଏଥିପାଇଁ ନିଜ ଦୃଢ଼ ମତ ପ୍ରଦାନ କରିଥିଲେ। ନାମ ପରିବର୍ତ୍ତନ ସହ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ବିକାଶ ଆଦି କିପରି ହୋଇପାରିବ, ସେ ସମ୍ପର୍କରେ ଅର୍ଜୁନ ଘଡ଼େଇ ମତ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସନ୍ତୋଷ କୁମାର ମିଶ୍ର (ଖ) ଧନ୍ୟବାଦ ଦେଇଥିଲେ।

### ୧୯ ବର୍ଷରୁ କମ୍ ବାଳିକା କବାଡ଼ି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ରାଧାବଲ୍ଲଭ କଲେଜର ମହିଳା ଦଳ

ବଳଙ୍ଗା/ଗୋପ,୨୨।୧୧ (କେଦାରେଶ୍ୱର ନନ୍ଦ/ଭାରତୀ ଭୂଷଣ ଉପାଧ୍ୟାୟ)

ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ୧୯ ବର୍ଷରୁ କମ୍ ବାଳିକାଙ୍କର ଜୋନ୍ସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ବଳଙ୍ଗା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ ୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ ସେମାନଙ୍କ କ୍ରୀଡ଼ା ଶିକ୍ଷକଙ୍କୁ ସ୍ୱାଗତ କରିବା ସହ ଶୃଙ୍ଖଳା ରକ୍ଷା କରି କ୍ରୀଡ଼ାର ମହତ୍ ଉଦ୍ଦେଶ୍ୟ ସାଧନ ପାଇଁ ଉତ୍ସାହିତ କରିଥିଲେ। ଆଜିର ଖେଳରେ ଇଚ୍ଛାପୁର ଦଳ ବିଜୟୀ ହେଇଥିଲା ବେଳେ ଡେଲାଙ୍ଗ ଦଳ ରନର୍ସ ଅପ ଘୋଷିତ ହୋଇଥିଲା। ଫାଇନାଲ୍ ଖେଳିବା ପାଇଁ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯାଜପୁର ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୪ରେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ନୀଳକଣ୍ଠ ମିଶ୍ର ସଞ୍ଚାଳନ କରିଥିଲା ବେଳେ କ୍ରୀଡ଼ା ଶିକ୍ଷକ ଯାମିନ ରାଜା ଖାଁ ସହଯୋଗ କରିଥିଲେ। ରାଧାବଲ୍ଲଭ କଲେଜର ମହିଳା କବାଡ଼ି ଦଳ ରାଜ୍ୟ ଆନ୍ତଃ କବାଡି ଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହେବାପରେ ଶୁକ୍ରବାର ଗୋପ ବ୍ଲକ ଅନ୍ତର୍ଗତ ଦଳନଇ ସ୍ଥିତ ଏହି ମହାବିଦ୍ୟାଳୟ ପରିସରରେ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।




ବଳଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ୧୯ ବର୍ଷରୁ କମ୍ ବାଳିକାଙ୍କର ଜୋନ୍ସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

# ଲିଙ୍ଗରାଜ ମନ୍ଦିରରେ ବିଦେଶିନୀ, ନୀତି ବିଳମ୍ବ

ପୁରୁଣା ଭୁବନେଶ୍ୱର,୨୨।୧୧ (ସୁଭାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶୁକ୍ରବାର ଜଣେ ବିଦେଶିନୀ ପ୍ରବେଶ କରିବାରୁ ଠାକୁରଙ୍କ ସକାଳ ଧୂପ ନୀତି ବିଳମ୍ବ ହୋଇଥିଲା। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସକାଳେ ମନ୍ଦିର ପଟ୍ଟ ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ସାହାଣମେଲା ଦର୍ଶନ, ଗୋଷହୋମ କରାଯାଇଥିଲା। ସକାଳ ୯ଟା ୩୦ରେ ଦର୍ଶନ ବନ୍ଦ କରାଯାଇ ଛାମୁ ପରିଷ୍କାର କରାଯାଇଥିଲା। ଏହାପରେ ମହାସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ ଓ ଭୁବନେଶ୍ୱରୀ ଠାକୁରାଣୀଙ୍କ ଖଇଦହି ବଲ୍ଲଭ ସରିବା ପରେ ଜଣେ ବିଦେଶିନୀ ପୋଲିସ ଓ ମନ୍ଦିର କର୍ମଚାରୀଙ୍କୁ ଅତିକ୍ରମ କରି ମନ୍ଦିରକୁ ପ୍ରବେଶ କରି ବାଘଣ ପାହାଚ ନିକଟରେ ପହଞ୍ଚିଥିଲେ। ଏହା ଦେଖି କେତେଜଣ ସେବକ ହୋହଲ୍ଲା କରିବାରୁ କାର୍ଯ୍ୟରତ ମନ୍ଦିର କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ବାହାରକୁ ନେଇଯାଇଥିଲେ। ଏହାପରେ ଠାକୁରଙ୍କ ରୋଷରେ ରୋଷ କରାଯାଇଥିବା କୋଠ ଭୋଗ ଓ ଯଜମାନୀ ଭୋଗକୁ ଅମୃଣିଆ କୂଅରେ ପକାଯାଇଥିଲା। ଏଥିସହ ମନ୍ଦିରକୁ ବଡ଼ଧୋଆ କରାଯାଇଥିଲା। ପରେ ପୁଣି ଗୋଷହୋମ କରାଯାଇ ଠାକୁରଙ୍କ ପାଇଁ ଭୋଗ ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ହେବା ବେଳକୁ ଅପରାହ୍ନ ୨ଟା ୪୫ ହୋଇଯାଇଥିଲା। ତେବେ ମନ୍ଦିର ପ୍ରଶାସନ ଏବଂ ସୁରକ୍ଷା ପୋଲିସଙ୍କ ଅବହେଳାରୁ ଏହି ବିଭ୍ରାଟ ଦେଖାଦେଇଥିବା ବରିଷ୍ଠ ସେବାୟତ ଶଶିକାନ୍ତ ପୂଜାପଣ୍ଡା କହିଛନ୍ତି।

## ପ୍ରଧାନ ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ପିପିଲି,୨୨।୧୧(ଦୁର୍ଗା ମାଧବ ମିଶ୍ର)

ଚଳିତ ଶିକ୍ଷାବର୍ଷର ପ୍ରଧାନଶିକ୍ଷକଙ୍କ ୬ଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଶୁକ୍ରବାର ଗୋବିନ୍ଦପୁର କ୍ଲଷ୍ଟର୍ ଅନ୍ତର୍ଗତ ତଲଉ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଠାରେ ସିଆରସିସି ଚିନ୍ତାମଣି ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସାହୁ, ମଧୁଛନ୍ଦା ମିଶ୍ର, ଜୟନ୍ତୀ ଦାସ, ଜୟଲକ୍ଷ୍ମୀ ସ୍ୱାଇଁ, ଶକ୍ତିପ୍ରସନ୍ନ ମହାନ୍ତି, ସ୍ନିଗ୍ଧା ପ୍ରଧାନ, ଚିନ୍ମୟୀ ସାହୁ, ଲକ୍ଷ୍ମୀଧର ପ୍ରଧାନ, ସନ୍ଧ୍ୟାରାଣୀ ପାତ୍ର, ସୁମନ୍ତ କୁମାର ବେହେରା ଓ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ସ୍ଥିତିପ୍ରଜ୍ଞା ପାଇକରାୟ, ରୋଜାଲିନ୍ ସାମନ୍ତରାୟ, ଆଲୋକ କୁମାର ସ୍ୱାଇଁ, ରୀତାଞ୍ଜଳି ସାହୁ, ସସ୍ମିତା ବେହେରା ଓ ବାବୁରାମ ମୂର୍ଣ୍ଡି ଯୋଗ ଦେଇଥିଲେ। ବୈଠକରେ ମୁଖ୍ୟତଃ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବିଷୟବସ୍ତୁରେ ନଭେମ୍ବରର ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ ଯୋଜନା, ମାନ ନିର୍ଦ୍ଧାରଣ ଟ୍ରାକର ରେଜିଷ୍ଟ୍ରର, ଜାତୀୟ ଉପଲବ୍ଧି ପରୀକ୍ଷଣ ୨୦୨୪ ପାଇଁ ପ୍ରସ୍ତୁତି, କ୍ୟାରିୟର ମାର୍ଗଦର୍ଶନ ୱେବ୍‌ସାଇଟ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

## ୨୦୧୨ ବ୍ୟାଚ୍ ବନ୍ଧୁ ମିଳନ ଉତ୍ସବ

ଅସ୍ତରଙ୍ଗ,୨୨।୧୧(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ଲତାହରଣ ଗ୍ରାମର ଗୁରୁକୁଳ କୋଚିଂ ସେଣ୍ଟର ପରିସରରେ ୨୦୧୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କର ବନ୍ଧୁ ମିଳନ ଉତ୍ସବ ରବୀନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଧୀର ସାର, ପ୍ରଗତୀବାଳା, ପିଣ୍ଟୁ ଗୁରୁଜୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆର୍ଶୀବାଦ ଅର୍ପଣ ପୂର୍ବକ ସେମାନଙ୍କର ଦୀର୍ଘ ଜୀବନ କାମନା କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ରମାନେ ଗୁରୁମାଗୁରୁଜୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ, ମୁନ୍ନା, ବିଷ୍ଣୁ, ଆଫ୍ରିଦ, ନିଜାମ, ମେହେବୁବ, ପିଣ୍ଟୁ, ରାଜେନ୍ଦ୍ର, ଜୁନେଦ, ସାଗୀର, ବିଭୁଦତ୍ତ, ସୋଏବ ଅନସ ,ମନସୁର,।ରୀ, ସୋନି, ଆଲିମ,ସୋନାଲି, ରୁନି, ଶୁଚି, ଗାୟତ୍ରୀ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଥିଲେ।

## ଶିକ୍ଷକ ଲକ୍ଷ୍ମୀଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ

ବଳଙ୍ଗା,୨୨।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ କାଳିଆପଦା ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀଧର ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ କାଳିଆପଦାସ୍ଥିତ ବାସଭବନ ଠାରେ ଭାର୍ଗବୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରଶେଖର ସାହିତ୍ୟ ସଂସଦ ସମ୍ପାଦକ ବସନ୍ତ ଓଝା, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ସୁଧାଂଶୁ ମୋହନ ଲେଙ୍କା, ଲକ୍ଷ୍ମୀଧର ପୃଷ୍ଟି, ଭରତ ମିଶ୍ର, ପ୍ରସନ୍ନ କୁମାର ଶତପଥି, ଜଗବନ୍ଧୁ ରାୟ, ବାନାମ୍ବର ବେହେରା, କବୟିତ୍ରୀ ଫୁଲରାଣୀ ପାଳ, ପାଲାକାର ବୈକୁଣ୍ଠ ପ୍ରଧାନ, ତପନ କୁମାର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କର ସ୍ମୃତିଚାରଣ କରିଥିଲେ।

# ୧୦ ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା, ନାହାନ୍ତି ଶିକ୍ଷକ

ଯୋଗେଶ୍ୱରପୁର,୨୨।୧୧ (ରଶ୍ମିରଞ୍ଜନ ସାହୁ)

ରାଜ୍ୟ ସରକାର ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ଦେବା ନିମନ୍ତେ ପ୍ରତି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା କରିଥିବା ବେଳେ ନୟାହାଟ ଅଞ୍ଚଳରେ ୧୦ବର୍ଷ ଧରି ଅଙ୍ଗନୱାଡ଼ି କେନ୍ଦ୍ର ଥାଇ ମଧ୍ୟ ଶିକ୍ଷୟିତ୍ରୀଶିକ୍ଷକ ନ ଥିବା ଜଣାପଡ଼ିଛି। ଫଳରେ ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି।

ପ୍ରକାଶ ଯେ ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳର ଜଙ୍ଗଲବୋରୀ ପଞ୍ଚାୟତର ନୂଆପାଟଣାରେ ଦୀର୍ଘ ୧୦ ବର୍ଷ ତଳେ ନିର୍ମାଣ ହୋଇଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ଘରେ ତାଲା ଝୁଲୁଛି। ନୂଆପାଟଣା ଗ୍ରାମର କୁନି ପିଲାମାନେ ୧ କି.ମି. ଦୂର ଭୂରୁଭୂରା ଗ୍ରାମକୁ ଚାଲି ଚାଲି ପଢ଼ିବାକୁ ଯାଇଥାଆନ୍ତି। ବର୍ଷା ଦିନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଗ୍ରାମବାସୀ କହିଛନ୍ତି, ଏଠାରେ ଅଙ୍ଗନୱାଡି କେନ୍ଦ୍ର ଥାଇ ମଧ୍ୟ ପିଲାମାନେ ଅନ୍ୟ କେନ୍ଦ୍ରକୁ ପଢ଼ିବାକୁ ଯାଉଛନ୍ତି। ଏ ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁ କହିଛନ୍ତି, ସିଡିପିଓଙ୍କ ସହ ଯୋଗାଯୋଗ କରନ୍ତୁ। ଗୋପ ବ୍ଲକ ସିଡିପିଓ ମିନାକ୍ଷୀ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଜଙ୍ଗଲବୋରୀ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷକ ନାହାନ୍ତି। ଶୀଘ୍ର ଶିକ୍ଷକ ଓ ହେଲ୍ପର ନିଯୁକ୍ତି କରିବା ପାଇଁ ଆମେ ଚେଷ୍ଟା ଚଳାଇଛୁ।



ବନ୍ଦ ହୋଇ ପଡିଥିବା ଅଙ୍ଗନୱାଡ଼ି କେନ୍ଦ୍ର ।

## ୧୬୧ ବିଦ୍ୟାଳୟର ୨୪୮ ପ୍ରକଳ୍ପ ପ୍ରଦର୍ଶିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଡେଲାଙ୍ଗ,୨୨।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ହାଟ ବଜାରସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ୨୮ତମ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ବିନୋଦ କୁମାର ପ୍ରାମାଣିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ପ୍ରଫେସର ଡ. ହେମନ୍ତ କୁମାର ମିଶ୍ର, ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ପରିଡ଼ା, ଶିକ୍ଷାବିତ୍ ସତ୍ୟବାଦୀ ଦାଶ, ଜିଲା ସହ ଶିକ୍ଷାଧିକାରୀ ମମତା ମିଶ୍ର, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡ଼ା, ଏବିଇଓ ସୁଷମା ଦାସ, ସଂଯୁକ୍ତା ମିଶ୍ର, ଲକ୍ଷ୍ମଣ ପ୍ରଧାନ, ପରିଚାଳନା କମିଟି ସଭାପତି ବିଜୟ କେତନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳ ବିଜ୍ଞାନ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ ବିଜ୍ଞାନ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ ଓ ପବିତ୍ର ମୋହନ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକର ୧୬୧ଟି ବିଦ୍ୟାଳୟରୁ ୨୪୮ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିବା ବେଳେ ଏଥିମଧ୍ୟରୁ ୭ଟି ପ୍ରକଳ୍ପକୁ ଜିଲାସ୍ତରକୁ ମନୋନିତ କରାଯାଇଥିଲା। କାକଟପୁର ବ୍ଲକର ବିଜ୍ଞାନ ଶିକ୍ଷକ ପ୍ରତାପ କୁମାର ରାଉତ, ଅସ୍ତରଙ୍ଗ ବ୍ଲକର କାମଦେବ ପ୍ରଧାନ, ବ୍ରହ୍ମଗିରିର ଚିତ୍ତରଞ୍ଜନ ଜେନା ପ୍ରମୁଖ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ।

# ଭାଗନେବେ ୨୨ ରାଜ୍ୟର ୨ଶହରୁ ଊର୍ଦ୍ଧ୍ୱ ଖେଳାଳି

ପୁରୀ,୨୨।୧୧(ଅଜିତ କୁମାର ମହାନ୍ତି)

### ବିଦ୍ୟାଳୟସ୍ତରୀୟ ଜାତୀୟ ବିଚ୍ ଭଲିବଲ୍

୬୮ତମ ଜାତୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତା ପାଇଁ ଶୁକ୍ରବାର ପୁରୀ ଜିଲା ଡିପିସି କାର୍ଯ୍ୟାଳୟରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ସପନ କୁମାର ଜେନା ସଭାପତିତ୍ୱ କରିଥିଲେ। ୨୨ଟି ରାଜ୍ୟରୁ ୨୨ଟି ଟିମ୍‌ର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି, କୋଚ୍, ମ୍ୟାନେଜର ଓ ଅଫିସିଆଲ୍ ଯୋଗଦେବାର ଆକଳନ କରାଯାଇ ସେମାନଙ୍କ ରହିବା, ଖାଇବା ଓ ଗମନାଗମନ ନେଇ ସୁବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପ୍ରତିଯୋଗିତାକୁ ସଫଳତାର ସହିତ ପରିଚାଳନା କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯିବା ସହ ପ୍ରତ୍ୟେକଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟରୁ ଦକ୍ଷ ଓ ଅଭିଜ୍ଞ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କୁ ଦାୟିତ୍ୱ ନିର୍ବାହ କରିବା ପାଇଁ ଅନୁରୋଧ କରାଯାଇଛି। ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, କ୍ରୀଡ଼ା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜାତୀୟସ୍ତରୀୟ ବିଚ୍ ଭଲିବଲ୍ ରେଫରି ଶାଶ୍ୱତ ଭାରତୀୟ, ଜିଲା ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ଜିଲା ସ୍ୱାସ୍ଥ୍ୟ ବିଭାଗର ବିଜନ କୁମାର ପାତ୍ର, ଡା. ବି. ବି. ରଥ ପ୍ରମୁଖ ଉପସ୍ଥିତ ଥିଲେ। ମହେନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା, ସଚେତନତା ଶୋଭାଯାତ୍ରା

ପୁରୀ, ୨୨।୧୧(ଅଜିତ୍ କୁମାର ମହାନ୍ତି)

### ଜାତୀୟ ଫାର୍ମାସୀ ସପ୍ତାହ ପାଳନ

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ମହାବିଦ୍ୟାଳୟରେ ୬୩ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ 'ଥିଙ୍କ ହେଲ୍‌ଥ ଥିଙ୍କ ଫାର୍ମାସୀ' ଶୀର୍ଷକ ବିଷୟବସ୍ତୁକୁ ଆଧାରକରି ତିନିଦିନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା-ଚାରାରୋପଣ କରାଯିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ପାଖ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର ଓ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁନିତା ମିଶ୍ର, ଅଧ୍ୟାପକ ଅସିତ୍ କୁମାର ଷଡଙ୍ଗୀ, ଭକ୍ତବନ୍ଧୁ ଜେନା, ତୃପ୍ତି ରଞ୍ଜନ ପାଢ଼ୀ, ଅନୁପ କୁମାର ପାତ୍ର ଏବଂ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।




କଲେଜ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ଶିକ୍ଷାଦାନ କ୍ଷେତ୍ରରେ ବ୍ୟକ୍ତିକୈନ୍ଦ୍ରିକ ହୁଅନ୍ତୁ ନାହିଁ ଶିକ୍ଷୟିତ୍ରୀ ଶିକ୍ଷକ



ମୁଖ୍ୟ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ।

ସାକ୍ଷୀଗୋପାଳ,୨୨।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

### ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା

ଶିକ୍ଷୟିତ୍ରୀ ଶିକ୍ଷକ ପାଠ୍ୟଦାନ କ୍ଷେତ୍ରରେ ବ୍ୟକ୍ତିକୈନ୍ଦ୍ରିକ ହୁଅନ୍ତୁ ନାହିଁ। ବିଦ୍ୟାଳୟରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଜର ପୁଅ ଝିଅ ଭାବି ଉତ୍ତମ ଶିକ୍ଷା ଓ ଚରିତ୍ର ଗଠନ କରିବା ଆବଶ୍ୟକ ବୋଲି ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏଭଳି ପରାମର୍ଶ ଦେଇଥିଲେ। ସରକାରୀ ଅପ୍‌ଗ୍ରେଡେଡ୍ ହାଇସ୍କୁଲ ସତ୍ୟବାଦୀର ଝିଅ ସ୍ମରଣିକା ଦାଶ ଓ ଗାଇଡ୍ ଶିକ୍ଷୟିତ୍ରୀ ପ୍ରତ୍ୟାଶା ମିଶ୍ର ଓ ମିନତି ମାଝୀଙ୍କ ପ୍ରୋଜେକ୍ଟକୁ ବିଧାୟକ ମିଶ୍ର ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ଉତ୍ସବକୁ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଅନ୍ୟତମ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମେଳାରେ ୧୪୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

ବୀରଗୋବିନ୍ଦପୁର ହାଇସ୍କୁଲର ଦିବ୍ୟଜ୍ୟୋତି ବରାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସାକ୍ଷୀଗୋପାଳର ନିବେଦିତା ଗାଙ୍ଗୁଲି, ଅଜିତେଶ ମହାପାତ୍ର, ସରକାରୀ ବାଳିକା ବିଦ୍ୟାଳୟର ସିଦ୍ଧେଶ୍ୱରୀ ପୂଜାରୀ, ଉତ୍କଳମଣି ଗୋପବନ୍ଧୁ ହାଇସ୍କୁଲର ସୌମିତ୍ର ଗୌଡ଼, ସତ୍ୟବାଦୀ ହାଇସ୍କୁଲର ସୌମ୍ୟରଞ୍ଜନ ମହାନ୍ତି, ନୋଡାଲ ହାଇସ୍କୁଲ ଗବକୁଣ୍ଡର ଅସ୍ମିତା ନାୟକ ଓ ସେମାନଙ୍କ ଗାଇଡ୍ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା କରାଯାଇଥିବା ୭ ଗୋଟି ଶ୍ରେଷ୍ଠ ପ୍ରକଳ୍ପ ବିଚାରକମଣ୍ଡଳୀ ଦ୍ୱାରା ଜିଲାସ୍ତରକୁ ବିବେଚିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳ ଅନ୍ୟତମ ସମ୍ମାନିତ ଅତିଥି ଭାବେ ୩୨ନଂ. ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ଲିପ୍ସା ରାୟ, ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ, ସହ ଶିକ୍ଷାଧିକାରୀ ପ୍ରଭାସ ଚନ୍ଦ୍ର କରଣ, ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜ୍ଞାନ ସମ୍ବନ୍ଧୀୟ ସଙ୍ଗୀତ ଗାନ କରାଯାଇ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ମେଳାରେ କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ଗାଇଡ୍ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସିଲ୍ ଓ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଚାରକ ଭାବେ ଶିକ୍ଷକ ତାପସ ରଞ୍ଜନ ପ୍ରିୟଦର୍ଶୀ, ଗୌତମ ମହାପାତ୍ର, ଦିଲୀପ କୁମାର ମାଝୀ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଭିଙ୍ଗାରପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଅନ୍ତା,୨୨।୧୧ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସେବା ସମବାୟ ସମିତିର ୫୮ତମ ବାର୍ଷିକ ସାଧାରଣ ସଭା ସମବାୟ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସଭାରେ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ଡାଇରେକ୍ଟର ବିପିନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଅନ୍ୟ ଅତିଥି ଭାବେ ଭିଙ୍ଗାରପୁର ସରପଞ୍ଚ ହୃଷୀକେଶ ବେହେରା, ବେଣ୍ଟପୁର ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିର ଉପସଭାନେତ୍ରୀ ଜ୍ୟୋତିର୍ମୟୀ ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟ ସୁର ରାୟ, ଆଡ୍‌ଭୋକେଟ ମନୋଜ ନାୟକ, ମମତା ସାହୁ, ବଟକୃଷ୍ଣ ପଣ୍ଡା, କାଶୀନାଥ ସାହୁ, ବ୍ରଜବନ୍ଧୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମିତିର ସମ୍ପାଦକ ଜଗମୋହନ ଦାଶ ପୂର୍ବ ବିବରଣୀ ପଠନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ରେ ୨୦୨୪-୨୫ ବର୍ଷର ବଜେଟ ଓ ସୋସାଇଟି ଡେଭଲପ ପ୍ଲାନ୍‌କୁ ଅନୁମୋଦନ ମିଳିଥିଲା। ଚଳିତ ବର୍ଷର ଧାନକିଣାକୁ ସୁଚାରୁରୂପେ ସମ୍ପାଦନ ପାଇଁ ସଭାରେ ଆଲୋଚନା ହୋଇଥିଲା। ସଭାକୁ ସମିତିର ସହସମ୍ପାଦକ କିଶୋର ଚନ୍ଦ୍ର ଭୋଇ ପରିଚାଳନା କରିଥିଲେ।

# ଗଡ଼ଜାତ ମିଶ୍ରଣର ଅନ୍ୟତମ ପୁରୋଧା ଥିଲେ ମହତାବ

ଭୁବନେଶ୍ୱର, ୨୨।୧୧(ବନ୍ଦନା ସେଠୀ)



ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଏକାଧାରାରେ ଥିଲେ ଜଣେ କୁଶଳୀ ରାଜନୀତିଜ୍ଞ, ପ୍ରଖ୍ୟାତ ଐତିହାସିକ, ସାହିତ୍ୟିକ, ରାଜନୀତି ଜଗତର ଭୀଷ୍ମ ପିତାମହ ଏବଂ ଓଡ଼ିଆ ଜାତିର ସ୍ପନ୍ଦନ। ଉତ୍କଳ କେଶରୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଲକ୍ଷ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣୋତ୍ସବର ଶୁକ୍ରବାର ଦ୍ୱିତୀୟ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଉତ୍କଳ କେଶରୀ ଡ. ମହତାବ ଥିଲେ ଜଣେ ସତ୍ୟନିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ମିଶ୍ରଣର ଅନ୍ୟତମ ମୁଖ୍ୟ ପୁରୋଧା, ରାଷ୍ଟ୍ରନୀତିଜ୍ଞ ଏବଂ ଓଡ଼ିଆ ସାହିତ୍ୟ ଜଗତର ଏକ ଉଜ୍ଜ୍ୱଳ ତାରକା। ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢ଼ି ତୋଳିବାରେ ମହତାବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ତାଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୋଇ ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ନିର୍ମାଣରେ ନିଜର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ସେ ଆହ୍ୱାନ କରିଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ, ଆଜିର ଯୁଗ ହେଉଛି ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯୁଗ ଏବଂ ୨୭ ରୁ ୨୯ ବର୍ଷର ହାରାହାରି ବୟସ ସହ ଭାରତ ଏକ ଯୁବକମାନଙ୍କ ଦେଶ ରୂପେ ସମଗ୍ର ବିଶ୍ୱରେ ଉଭା ହୋଇଛି। ମହତାବଙ୍କ ପରି ମହାପୁରୁଷଙ୍କ କୃତି ଓ କୀର୍ତ୍ତିକୁ ଯୁବପିଢ଼ି ଓ ବିଦ୍ୟାର୍ଥୀ ନିକଟରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ସହଯୋଗରେ ପହଞ୍ଚାଇପାରିଲେ ଯୁବପିଢ଼ି ଯଥୋଚିତ ପ୍ରେରଣା ପାଇବେ ଏବଂ ପ୍ରଜ୍ଞାଦୀପ୍ତ ହୋଇପାରିବେ ବୋଲି ମହାଲିଙ୍ଗ କହିଥିଲେ। ଅନ୍ୟତମ ଅତିଥି ତଥା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ ନିଜର ଅଭିଭାଷଣରେ କହିଥିଲେ, ଓଡ଼ିଆ ଜାତି ମହତାବଙ୍କୁ ଜଣେ ବ୍ୟକ୍ତି ଭାବରେ ନୁହେଁ ବରଂ ଏକ ତତ୍ତ୍ୱ ଭାବରେ ଗ୍ରହଣ କରି ତାଙ୍କର ସ୍ମୃତିଚାରଣ କରୁଛି। ରାଷ୍ଟ୍ରକଲ୍ୟାଣ ପାଇଁ ସେ ନିଜର ସମସ୍ତ ଶକ୍ତି, ସାମର୍ଥ୍ୟ ଓ ସୃଜନକୁ ସମର୍ପିତ କରିଥିଲେ। ତେଣୁ ତାଙ୍କୁ ଜଣେ ବ୍ୟକ୍ତିବିଶେଷ ନୁହେଁ, ବରଂ ସ୍ୱୟଂସମ୍ପୂର୍ଣ୍ଣ ଅନୁଷ୍ଠାନ କୁହାଯାଇପାରିବ ବୋଲି ନାଏକ ମତବ୍ୟକ୍ତ କରିଥିଲେ। ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଏବଂ ଭାଜପା ନେତା ସମୀର ମହାନ୍ତି ମହତାବଙ୍କ ଅମ୍ଳାନ କୀର୍ତ୍ତି ଓ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ତରଫରୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ 'ମହତାବ : ଦ ନେସନ ବିଲ୍ଡର' ଓ 'ଅଭିବାଦନ ଓ ଅଭିନନ୍ଦନ' ଶୀର୍ଷକ ଦୁଇଟି ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ପଲ୍ଲିଶ୍ରୀ ମେଳାକୁ ଭାରତ ମସଲା ବ୍ରାଣ୍ଡ୍ ଆମ୍ବାସଡରଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ଚଳିତ କଟକ ବାଲିଯାତ୍ରାରେ ଜାତୀୟ ସ୍ତରର ପଲ୍ଲିଶ୍ରୀ ମେଳାକୁ ଭାରତ ମସଲାର ବ୍ରାଣ୍ଡ୍ ଆମ୍ବାସଡରଙ୍କୁ ନିମନ୍ତ୍ରଣ କରିଛି ଓର୍‌ମାସ। ଶନିବାର ଅର୍ଥାତ୍ ବାଲିଯାତ୍ରା ଶେଷ ଦିନରେ ଯୋଗଦେବାକୁ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ଚିଠି ଲେଖି ଜଣାଇଛି। ଜିଲା ପ୍ରଶାସନର ସହଯୋଗରେ ଐତିହାସିକ ବାଲିଯାତ୍ରାରେ ପଲ୍ଲିଶ୍ରୀ ମେଳା ଆୟୋଜିତ ହେଉଛି। ପଲ୍ଲିଶ୍ରୀ ମେଳା ଗ୍ରାମୀଣ ଉତ୍ପାଦ ଏବଂ କାରିଗରୀ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ। ଗତବର୍ଷ ଏହା ଚିତ୍ତାକର୍ଷକ ସଫଳତା ପାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ ସମବାୟ ସମିତି, କୃଷକ ଉତ୍ପାଦକ ଏବଂ ଗ୍ରାମୀଣ କାରୀଗରମାନଙ୍କ ଦ୍ୱାରା ଉତ୍ପାଦ ସାମଗ୍ରୀକୁ ଏଠାରେ ବଡ ପ୍ଲାଟଫର୍ମ ମିଳିଥାଏ। ମେଳାରେ ଉତ୍ପାଦକଙ୍କ ଯୋଗଦାନ ସମଗ୍ର ଭାରତରୁ ଗ୍ରାମୀଣ ଉତ୍ପାଦର ସମୃଦ୍ଧ ବିବିଧତାକୁ ଆଲୋକିତ କରିବାରେ ସାହାଯ୍ୟ କରିବ, ଯାହା ସ୍ଥାନୀୟ ସମ୍ପ୍ରଦାୟ ଏବଂ ଗ୍ରାମୀଣ ଜୀବିକାକୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଭାରତ ମସଲାର ବ୍ରାଣ୍ଡ୍ ଆମ୍ବାସାଡର ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଜାତୀୟ ସ୍ତରର ପଲ୍ଲିଶ୍ରୀ ମେଳାକୁ ପ୍ରୋତ୍ସାହିତ କରିବାକୁ ନିବେଦନ କରିଛନ୍ତି। ଉପାନ୍ତ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀମାନେ ସିଧାସଳଖ ଭାରତ ମସଲା ସହ ଯୋଡ଼ି ହୋଇରହିଛନ୍ତି। ସମ୍ବଲପୁରର କୁଚିଣ୍ଡା, ବାମଣ୍ଡା ଏବଂ ଗଞ୍ଜାମରୁ ଶୁଖିଲା ଲଙ୍କା ଆଣି ଭାରତ ମସଲା କମ୍ପାନୀ ଲଙ୍କା ଗୁଣ୍ଡ ପ୍ରସ୍ତୁତ କରି ବଜାରକୁ ଛାଡୁଛି। ପଲ୍ଲିଶ୍ରୀ ମେଳାରେ ଭାରତ ମସଲା କମ୍ପାନୀ କିଭଳି ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଶୁଖିଲା ଲଙ୍କା ସଂଗ୍ରହ କରି ଚାଷୀମାନଙ୍କୁ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇଛି ତାହାର ଫଟୋ ବାଲିଯାତ୍ରା ମେଳାରେ ପ୍ରଦର୍ଶିତ ହୋଇଛି।

## ଅବକାରୀ ବିଭାଗ ଗାଡ଼ିକୁ ଧକ୍କା: ଜଣେ ଗିରଫ

ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ)

ଅବକାରୀ ବିଭାଗ ଗାଡ଼ିକୁ ଧକ୍କା ଦେବା ଘଟଣାରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମଣିବନ୍ଧ ଥାନା ଅଧୀନସ୍ଥ ମୁଗଗହିରା ଗ୍ରାମର ଶ୍ରୀକାନ୍ତ କୁମାର ସ୍ୱାଇଁ (୩୩)। ଏପ୍ରିଲ୍ ୯ରେ କଟକ ଅବକାରୀ ଏଏସ୍‌ଆଇ ଶ୍ରୀଧର ପଲେଇ ଓ ତାଙ୍କ ଟିମ୍ ନନ୍ଦନକାନନରୁ ବାରଙ୍ଗ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କାର୍ ଦ୍ରୁତଗତିରେ ଆସି ଅବକାରୀ ବିଭାଗ ଗାଡ଼ିକୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଏନେଇ କଟକ ଅବକାରୀ ଥାନା ଇନ୍‌ସ୍ପେକ୍ଟର ଧୀରେନ କୁମାର ବେହେରାଙ୍କ ଏତଲା ଆଧାରରେ ନନ୍ଦନକାନନ ଥାନା ପୋଲିସ ନଂ.୯୯/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ଗାଡ଼ି ନମ୍ବର ଆଧାରରେ ସରୋଜ କୁମାରଙ୍କ ଘରେ ପହଞ୍ଚିବା ପରେ ସରୋଜ ଏବେ ଜେଲ୍‌ରେ ଥିବା ଜଣାପଡ଼ିଛି। ପରେ କାର୍‌କୁ ରଖିଥିବା ମଣିବନ୍ଧ ଥାନା ଅଧୀନସ୍ଥ ମୁଗଗହିରା ଗ୍ରାମର ଶ୍ରୀକାନ୍ତ କୁମାର ସ୍ୱାଇଁ (୩୩) ନାମକ ବ୍ୟକ୍ତି ରଖିଥିବାର ଜଣାପଡ଼ିଥିଲା। ଶ୍ରୀକାନ୍ତଙ୍କୁ ଯୋଗାଯୋଗ କରି ବିଫଳ ହେବାପରେ ଥାନାରେ ହଜାର ହେବା ପାଇଁ ପୋଲିସ ନୋଟିସ ଜାରି କରିଥିଲା। ପରେ ଶ୍ରୀକାନ୍ତ ଥାନାକୁ ନ ଆସିବାରୁ ଗୁରୁବାର ରାତିରେ ଚଢ଼ାଉ କରି ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

## ନନ୍ଦନକାନନରେ ଦୁଇ ସିଆମାଙ୍ଗ ମାଙ୍କଡ଼ ଅସୁସ୍ଥ

ତ୍ରିଶୂଳିଆ,୨୨।୧୧
(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଅନ୍ୟତମ ବାନର ଦୁନିଆର ଦୁଇ ସିଆମାଙ୍ଗ ବିଦେଶୀ ମାଙ୍କଡ଼ ପ୍ରଥମଥର ପାଇଁ ଅସୁସ୍ଥ ହୋଇଥିବା କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ୫ଦିନ ହେବ ବାନର ଦୁନିଆ ଖୁଆଡ଼ରେ ରହୁଥିବା ଦୁଇ ସିଆମାଙ୍ଗ ମାଙ୍କଡ଼ଙ୍କ ମଧ୍ୟରେ ମାଡ଼ଗୋଳ ହୋଇ ଉଭୟ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ୧୮ତାରିଖ କର୍ମଚାରୀଙ୍କ ଠାରୁ ଖବରପାଇ କର୍ତ୍ତୃପକ୍ଷ ଉଭୟ ଅସୁସ୍ଥ ସିଆମାଙ୍ଗଙ୍କୁ ବନ୍ୟପ୍ରାଣୀ ଚିକିତ୍ସାଳୟ କ୍ୱାରେନଷ୍ଟାଇନକୁ ପଠାଯାଇଛି। ବନ୍ୟପ୍ରାଣୀ ବିଭାଗର ପରିଚାଳନାଗତ ତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଘଟିଛି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରାଣୀ ଉଦ୍ୟାନରେ ପ୍ରଥମ କରି ବାନର ଦୁନିଆ ଖୁଆଡ଼ ନିର୍ମାଣ କରାଯାଇଥିଲା। ବିଭିନ୍ନ ଘରୋଇ ସଂସ୍ଥା ଓ ଚିଡ଼ିଆଖାନାରୁ ବିଦେଶୀ ମାଙ୍କଡ଼ ଅଣାଯାଉଛି। ଏହି ପରିପ୍ରେକ୍ଷୀରେ ନିର୍ମାଣ ହୋଇଥିବା ଏହି ବାନର ଦୁନିଆ (ବିଦେଶୀ ମାଙ୍କଡ଼) ଖୁଆଡ଼କୁ ୧୦ରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଲୋକାର୍ପଣ କରି ଏହି ଅସୁସ୍ଥ ଦୁଇ ସିଆମାଙ୍ଗ ମାଙ୍କଡ଼ଙ୍କୁ ଖୁଆଡ଼ରେ ଛାଡ଼ିଥିଲେ। ୧୦ଦିନ ନ ପୂରୁଣୁ ବନ୍ୟପ୍ରାଣୀ ବିଭାଗର ପରିଚାଳନାଗତ ତ୍ରୁଟି ଓ ରକ୍ଷଣାବେକ୍ଷଣ ଅଭାବରୁ ନନ୍ଦନକାନନ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସିଆମାଙ୍ଗଙ୍କୁ ନ ଦେଖି ନିରାଶରେ ଫେରୁଛନ୍ତି ବୋଲି ଭୁବନେଶ୍ୱରର ପର୍ଯ୍ୟଟକ ପ୍ରଶାନ୍ତ କୁମାର ଦାସ କହିଛନ୍ତି। ଏ ସଂକ୍ରାନ୍ତରେ ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିବା ଜଣାପଡ଼ିଛି।


ଟ୍ରାଫିକ୍ ଜାମ୍ ଯୋଗୁ ବମିଖାଲ ଓଭରବ୍ରିଜ୍ ଓ ତଳ ସର୍ଭିସ୍ ରାସ୍ତାରେ ରସୁଲଗଡ଼ ଛକ ପର୍ଯ୍ୟନ୍ତ ଗାଡିମୋଟର ଅଟକି ରହିଛି। (ଫଟୋ- ବିକାଶ ନାୟକ)

## ବାଲିଯାତ୍ରାରେ ଆକର୍ଷିତ କରୁଛି ଓମ୍‌ଫେଡ୍ ଷ୍ଟଲ୍

ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

କଟକ ବାଲି ଯାତ୍ରାରେ ଓମ୍‌ଫେଡ୍ ୫ଟି ଷ୍ଟଲ ଖୋଲି ବିଭିନ୍ନ ପ୍ରକାର ଉତ୍ପାଦ ବିକ୍ରୟ କରୁଛି। ଓରମାସ୍ ଭିତରେ ଦୁଇଟି ଷ୍ଟଲ ଖୋଲିଥିବା ବେଳେ ତଳ ପଡିଆ ଫାୟାର ଷ୍ଟଲ୍ ନିକଟରେ ଗୋଟିଏ ଏବଂ ଉପର ପଡ଼ିଆ ଫାୟାର ଷ୍ଟଲ ସମ୍ମୁଖରେ ୨ଟି ଷ୍ଟଲ ଖୋଲିଛି। ଏହି ଷ୍ଟଲଗୁଡିକରେ ଦୈନିକ ହଜାର ହଜାର ଲୋକଙ୍କର ଭିଡ ଜମୁଥିବା ଦେଖିବାକୁ ମିଳୁଛି। ମୁଖ୍ୟତଃ ଓମ୍‌ଫେଡ୍‌ର ଫେବର ମିଲ୍‌କ, ମିଠା ଦହି, ବିଭିନ୍ନ ପ୍ରକାରର ଏବଂ ବିଭିନ୍ନ ଫ୍ଲେବରର ଆଇସ୍‌କ୍ରିମ ସର୍ବାଧିକ ବିକ୍ରି ହେଉଛି। ସେହିପରି ଓମ୍‌ଫେଡ୍ ଘିଅ, ଛେନାପୋଡ, ରାବିଡ, ପେଡା, ହଳଦୀଗୁଣ୍ଡ ଆଦି ପ୍ରତି ମଧ ଲୋକଙ୍କର ଆଗ୍ରହ ରହିଛି। ପ୍ରତି ଷ୍ଟଲ୍‌ରେ ଦୈନିକ ୨୫ରୁ ୩୦ ହଜାର ଟଙ୍କାର କାରବାର ହେଉଛି। ତେବେ ଓର୍‌ମାସ ଭିତରେ ପଡିଥିବା ଷ୍ଟଲଦ୍ୱୟରେ ସବୁଠାରୁ ଅଧିକ ଅର୍ଥାତ୍ ଦୈନିକ ୪୦ରୁ ୫୦ ହଜାର ଟଙ୍କା ଲେଖାଏ କାରବାର ହେଉଛି। ମୋଟ ୫ଟି ଷ୍ଟଲରେ ଦୈନିକ ଦେଢରୁ ଦୁଇ ଲକ୍ଷ ଟଙ୍କାର କାରବାର ହେଉଥିବା ନେଇ ଦାୟିତ୍ୱରେ ଥିବା ମାର୍କେଟିଂ ମୁଖ୍ୟ ଆଲୋକ ଅଗ୍ନିବେଶ କହିଛନ୍ତି। ଗ୍ରାହକମାନେ ଯେପରି ସୁବିଧାରେ ଓମ୍‌ଫେଡ୍ ଉତ୍ପାଦର ମଜା ଉଠାଇ ପାରିବେ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଓମ୍‌ଫେଡ୍‌ର ଗିରିଜା ପ୍ରସାଦ ପଟ୍ଟନାୟକ ଓ ଶ୍ୟାମସୁନ୍ଦର ଦୀକ୍ଷିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଷ୍ଟଲଗୁଡିକ ଚାଲୁ ରହିଛି। ସୁଲଭ ମୂଲ୍ୟରେ ଖାଉଟିମାନଙ୍କୁ ଉତ୍ତମମାନର, ସ୍ୱାସ୍ଥ୍ୟକର, ସୁସ୍ୱାଦୁ ଖାଦ୍ୟପେୟ ଯୋଗାଇ ଦେବା ପାଇଁ ଓମ୍‌ଫେଡ୍ ସଦାସର୍ବଦା ପ୍ରୟାସ କରିଆସିଛି ଏବଂ ଆଗାମୀ ଦିନରେ ଏହି ପ୍ରୟାସ ଜାରି ରହିବ ବୋଲି ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।


କଟକ ବାଲିଯାତ୍ରାରେ ଓମ୍‌ଫେଡ୍ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼।

## ବାଲିପାଟଣାରେ ବ୍ଲକସ୍ତରୀୟ ବିଜ୍ଞାନମେଳା

ବାଲିପାଟଣା,୨୨।୧୧(ଅଭିମନ୍ୟୁ ନାୟକ)

ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବିଧାୟକ ନବକିଶୋର ମଲ୍ଲିକ, ମୁଖ୍ୟ ବକ୍ତା ବୈଜ୍ଞାନିକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମଗ୍ର ବ୍ଲକରୁ ୭ଟି ବିଭାଗର ୭୨ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରତି ବିଭାଗରୁ ଶ୍ରେଷ୍ଠ ୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ପୂର୍ବାହ୍ନ ଅଧିବେଶନରେ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁର ସଭାପତି ଅମିତାଭ ମିଶ୍ର, ପ୍ରଧାନ ଶିକ୍ଷକ ଅର୍ଣ୍ଣବ ବେହୁରା, ସରପଞ୍ଚ ଅଜିତ ମହାନ୍ତି, ଶକୁନ୍ତଳା ଭୋଇ, ଶିକ୍ଷା କମିଟି ସଭାପତି ଜୟନ୍ତ ଓଝା ଏବଂ ଅପରାହ୍ନରେ ଅନ୍ୟ ଅତିଥି ଭାବେ ଉପନିର୍ଦ୍ଦେଶିକା ସସ୍ମିତା ମାଳି, ଓଷ୍ଟାର ରାଜ୍ୟ ସମ୍ପାଦକ ରଞ୍ଜନ ଦାସ, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ଜିଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ବାଲିଅନ୍ତା ବିଇଓ ପ୍ରଜ୍ଞାପାରମିତା ଜେନା, ଏବିଇଓ କୁନି ଦେଈ ଓ ବିଜେଡି ବ୍ଲକ ସଭାପତି କିଶୋର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉଭୟ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସିଆର୍‌ସି ମମିତା ଦଳେଇ, ତପସ୍ୱିନୀ ଦାସ ଓ ରମାକାନ୍ତ ଦାସ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ସମେତ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ

ଭୁବନେଶ୍ୱର,୨୨।୧୧(ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକ ନିକଟରେ ଥିବା ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡ଼ା, ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ରହିତାଦେଶ ପାଇଁ ଜବରଦଖଲ ଉଚ୍ଛେଦ ଅଟକିଲା

ବାଲିପାଟଣା,୨୨।୧୧
(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ପାଳସାହି ଗାଁରେ ଜବରଦଖଲ ଉଚ୍ଛେଦ ପାଇଁ ବାଲିପାଟଣା ତହସିଲ୍‌ଦାର କଳ୍ପନା ଦାଶ ଏକ ପ୍ଲାଟୁନ ଫୋର୍ସ ନେଇ ଶୁକ୍ରବାର ପୂର୍ବାହ୍ନରେ ପହଞ୍ଚିଥିଲେ। ଜବରଦଖଲକାରୀ ରହିତାଦେଶ ଚିଠି ଦେଖାଇବା ପରେ ପ୍ରଶାସନ ଫେରି ଆସିଥିଲା। ମାତ୍ର ଉତ୍ୟକ୍ତ ଗ୍ରାମବାସୀ ଜବରଦଖଲରେ ଥିବା ବେଆଇନ ନିର୍ମାଣ ଗୃହ ଉଚ୍ଛେଦ ପରେ ଏଠାରୁ ଯିବେ ବୋଲି ଅଡ଼ିବସିଥିଲେ। ଗ୍ରାମବାସୀ ନଛୋଡ଼ବନ୍ଧା ହୋଇ ଭାଙ୍ଗିବାକୁ ଜିଦ୍ ଧରିବାରୁ ପୋଲିସ ଓ ତହସିଲ ପ୍ରଶାସନ ଅଟକି ରହିଥିଲେ। ଉଚ୍ଚ ନ୍ୟାୟାଳୟର ରହିତାଦେଶକୁ ସମ୍ମାନ ଦେଇ ୧୫ ଦିନ ମଧ୍ୟରେ ପଦକ୍ଷେପ ନେଇ ଗୋଚରରେ ବେଆଇନ ନିର୍ମାଣ ଗୃହକୁ ଉଚ୍ଛେଦ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧରୁ ହଟିଥିଲେ।

## ୨୫ରୁ ସଂସ୍କୃତ ନାଟ୍ୟ ମହୋତ୍ସବ 'ଦଶରୂପକମ୍'

ଭୁବନେଶ୍ୱର,୨୨।୧୧
(ସୌମ୍ୟରଞ୍ଜନ ରାଉତ)



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଉଛି।

'ଦ କ୍ୟାଚ୍' ପକ୍ଷରୁ ରାଜ୍ୟରେ ପ୍ରଥମଥର ପାଇଁ ତିନିଦିନିଆ ସଂସ୍କୃତ ନାଟ୍ୟ ମହୋତ୍ସବ 'ଦଶରୂପକମ' ଅନୁଷ୍ଠିତ ହେବ। ଆସନ୍ତା ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପରେ ସଂସ୍କୃତ ନାଟକ ପରିବେଷଣ କରାଯିବା ସହ ସାଧାରଣ ଜନତାଙ୍କ ମଧ୍ୟରେ ସଂସ୍କୃତ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ଆଲୋଚନା କରାଯିବ। ଏନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ରାଜ୍ୟ ଓ ବାହାରୁ ଆସିଥିବା ନାଟ୍ୟ ଗୋଷ୍ଠୀ ଦ୍ୱାରା ୪ଟି ସଂସ୍କୃତ ନାଟକ ପରିବେଷଣ ହେବ। ଏହାର ସଂଳାପ ସମ୍ପୂର୍ଣ୍ଣ ସଂସ୍କୃତରେ ହେବା ସହ ସମାଜ ପାଇଁ ବିଶେଷ ବାର୍ତ୍ତା ପ୍ରଦାନ କରିବ। ଏଥିମଧ୍ୟରେ କବି ଭାଶଙ୍କ ରଚିତ 'କର୍ଣ୍ଣ ଭରମ୍', ପଣ୍ଡିତ ଗୋବିନ୍ଦ ମିଶ୍ରଙ୍କ ରଚିତ 'ଜାତି ଜୀବନମ୍' ଭଳି ପ୍ରସିଦ୍ଧ ନାଟକ ରହିଛି। ମହୋତ୍ସବର ମୁଖ୍ୟ ଆକର୍ଷଣ ହେଉଛି ସଂସ୍କୃତ ନାଟ୍ୟ ପାଇଁ ଉତ୍ସାହ ଦେଖାଇ ନାଟ୍ୟ ପ୍ରସ୍ତୁତ କରିଥିବା ବ୍ୟକ୍ତିତ୍ୱଙ୍କୁ 'ସୂତ୍ରଧାର ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିସହ ମହୋତ୍ସବରେ ଗଣମାଧ୍ୟମର ପ୍ରତିଧିମାନଙ୍କୁ 'ସଂସ୍କୃତ ସାରଥି' ସମ୍ମାନରେ ସମ୍ମାନିତ କରାଯିବ। ସମ୍ମିଳନୀରେ ଅନୁଷ୍ଠାନ ଓଡ଼ିଶାର ଉପଦେଷ୍ଟା ଉମାଶଙ୍କର ମିଶ୍ର, ରତିକାନ୍ତ ପାଢ଼ୀ, ଭାବଗ୍ରାହୀ ଶାନ୍ତି, ସମ୍ପାଦକ ଚିତ୍ତରଞ୍ଜନ ଶତପଥୀ, ସଭ୍ୟ ପ୍ରତୀକ୍ଷା, କୋଷାଧ୍ୟକ୍ଷ ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର କୃଷି ପ୍ରଦର୍ଶନକୁ ପ୍ରଶଂସା

ଭୁବନେଶ୍ୱର,୨୨।୧୧(ଅନିଲ ଦାସ)

### କୃଷି ମନ୍ତ୍ରଣାଳୟର ଆଞ୍ଚଳିକ ସମ୍ମିଳନୀ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆଞ୍ଚଳିକ ସମ୍ମିଳନୀ ଶୁକ୍ରବାର ଭୁବନେଶ୍ୱରର ଏକ ସ୍ଥାନୀୟ ହୋଟେଲରେ ଅନୁଷ୍ଠିତ ହୋଇଛି। ସମ୍ମିଳନୀ ଆରମ୍ଭରେ ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଓଡ଼ିଶା କୃଷି କ୍ଷେତ୍ରରେ ଜଳବାୟୁ ଅନୁକୂଳ ଚାଷକୁ ପ୍ରୋତ୍ସାହନ ଦେଇ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ବଳଭଦ୍ର ଜୈବିକ ଚାଷ ଯୋଜନା କରିଛି । କୃଷି କ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ଦୂର କରିଛି । କୃଷି କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର କରି ଇ-ଚାଷ ଆପ୍ ଜରିଆରେ ଚାଷଜମିଗୁଡ଼ିକର ଜିଓ ଟ୍ୟାଗିଂ କରିଛି । ଡିଜିଟାଲ କ୍ରପ ସର୍ଭେ ପଦ୍ଧତି ଆପଣେଇ ପ୍ରକୃତ ତଥ୍ୟ ହାସଲ କରିପାରୁଛି । ରାଇସ ଫାଲୋ ମ୍ୟାନେଜ୍‌ମେଣ୍ଟ ଜରିଆରେ ୪ ଲକ୍ଷ ହେକ୍ଟର ଚାଷଜମିକୁ ବ୍ୟବହାର କରି ରାଜ୍ୟରେ ୬ ପ୍ରକାର ଡାଲି ଓ ୨ ପ୍ରକାର ତୈଳବୀଜ ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି କରିପାରିଛି । ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଆୟୋଜନ କରି ଓଡ଼ିଶାର ପାରମ୍ପରିକ ଖାଦ୍ୟ ତଥା କୃଷି ଐତିହ୍ୟର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାର କରାଯାଇଛି । ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଓଡ଼ିଶା ଭ୍ରମଣରେ ଆସିଥିବାବେଳେ ଓଡ଼ିଶାର କୃଷି ଭବନ ପରିଦର୍ଶନ କରିଥିଲେ ଏବଂ ଓଡ଼ିଶାର କୃଷି ସମୃଦ୍ଧି ହେଲ୍ପଲାଇନର କାର୍ଯ୍ୟ ବିଷୟରେ ଜାଣି ପ୍ରଶଂସା କରିଥିଲେ । ସମ୍ମିଳନୀରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଓଡ଼ିଶା ବର୍ତ୍ତମାନ ଚାଷ ପାଇଁ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରୁଛି । ନିକଟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ଚାଷୀଙ୍କୁ ଇନ୍ସୁରାନ୍ସ ପ୍ରଦାନ କରାଯାଉଛି । ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସଚିବ ଦେବେଶ ଚତୁର୍ବେଦୀ ଓଡ଼ିଶା କୃଷି ବିଭାଗ ଦ୍ୱାରା ପ୍ରଣୀତ ପ୍ରମୁଖ ଯୋଜନାଗୁଡ଼ିକର ପ୍ରଶଂସା କରିଥିଲେ। ସମ୍ମିଳନୀରେ ଚାରୋଟି ଅଧିବେଶନରେ ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା । ବୈଠକରେ କେନ୍ଦ୍ରୀୟ ଯୋଜନାଗୁଡ଼ିକ ଯଥା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କୃଷି ଉନ୍ନତି ଯୋଜନା, ପିଏମ୍ ଜନ ଜାତୀୟ ଉନ୍ନତ ଅଭିଯାନ, ଡିଜିଟାଲ ଏଗ୍ରୀକଲଚର ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ତୈଳବୀଜ ମିଶନ ପ୍ରଭୃତିର ସମୀକ୍ଷା କରାଯାଇଥିଲା । କେନ୍ଦ୍ର ଯୁଗ୍ମ ଶାସନ ସଚିବ ରୁକ୍ମିଣୀ ଦେବୀ 'ନମୋ ଡ୍ରୋନ ଦିଦି' ବିଷୟରେ ଉପସ୍ଥାପନ କରିଥିଲେ । କେନ୍ଦ୍ର କୃଷି ବିଭାଗ ଯୁଗ୍ମ ଶାସନ ସଚିବ ପୂର୍ଣ୍ଣଚନ୍ଦ୍ର କିଶାନ ଉଦ୍‌ଘାଟନ ଅବସରରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧିବେଶନ ଶେଷରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ସମ୍ମିଳନୀରେ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗର କୃଷି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇଥିଲେ।

## ସଂକ୍ଷେପରେ

### ‘ସାଙ୍କେତିକ ଭାଷା ଶିଖିଲେ ଚିକିତ୍ସା ସହଜ ହେବ’

କଣ୍ଟାପଡ଼ା, ୨୨।୧୧(ସୁରନାରାୟଣ ସାହୁ):

କଣ୍ଟାପଡ଼ା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ପରିସରରେ ୨ ଦିନିଆ ଭାରତୀୟ ସାଙ୍କେତିକ ଭାଷା ସମ୍ପର୍କିତ ଜାତୀୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଯୋଗଦେଇ କହିଛନ୍ତି, ସାଙ୍କେତିକ ଭାଷା ଉପରେ ଦକ୍ଷତା ରହିଲେ ଶ୍ରବଣ ଓ ବାକ୍‌ଶକ୍ତି ହରାଇଥିବା ଦିବ୍ୟାଙ୍ଗଙ୍କୁ ଚିକିତ୍ସା କରିବାରେ ସହଜ ହେବ। ସେହିପରି ବୈଷୟିକ ଉପ ନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ଯୋଗଦେଇ ଶ୍ରବଣ ଓ ବାକ୍‌ଜନିତ ଦିବ୍ୟାଙ୍ଗଙ୍କ ସହ ଭାଷା ବିନିମୟ କରିବା ପାଇଁ ସାଙ୍କେତିକ ଭାଷା ଶିକ୍ଷା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସ୍ପିଚ୍ ଓ ହିୟରିଂ ବିଭାଗ ମୁଖ୍ୟ ଡାକ୍ତର ଜୟଶଙ୍କର ପଣ୍ଡା ଯୋଗଦେଇ ନିଜର ଅଭିଜ୍ଞତା ବିଷୟରେ କହିଥିଲେ। ଏହି କର୍ମଶାଳାରେ ୧୫୦ ଜଣ ବାକ୍ ଓ ପୁନର୍ବାସ ଚିକିତ୍ସକ ଯୋଗଦେଇଥିଲେ। ଅଧ୍ୟାପକ ଶଶାଙ୍କ ଶେଖର ମହାନ୍ତି ଓ ଅଧ୍ୟାପିକା ଶୁଭଶ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆରୋପ ପ୍ରତ୍ୟାରୋପରେ ସରିଲା ସଭା

- ଆଠଗଡ଼ ମହୋତ୍ସବ ପ୍ରସ୍ତୁତି ବୈଠକରେ ହଟ୍ଟଗୋଳ
- ଗତ ବର୍ଷର କମିଟି ଭଙ୍ଗ କଲେ ଉପଜିଲାପାଳ
- କକ୍ଷ ତ୍ୟାଗ କଲେ ଏନ୍‌ଏସି ଅଧ୍ୟକ୍ଷା, ଉପାଧ୍ୟକ୍ଷ କାଉନ୍‌ସିଲର


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି, ବଜାର କମିଟି ସଦସ୍ୟ ଓ ଅନ୍ୟମାନେ।

ଆଠଗଡ,୨୨।୧୧(ସତ୍ୟ ପ୍ରସାଦ ରଥ)

ସବୁବର୍ଷ ପରି ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଆଠଗଡ଼ ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ସଭାଗୃହ ମଧ୍ୟରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ପ୍ରଶାସନ ପକ୍ଷରୁ ସାହି କମିଟି ଓ ବଜାର କମିଟିକୁ ସାମିଲ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ରନାଥ ମଲ୍ଲିକ, ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ବରିଷ୍ଠ ଆଇନଜୀବୀ ଫଣୀ ଭୂଷଣ ରଥ ଆଠଗଡ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। ସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରି କଥାକଟି ହୋଇଥିଲେ। ଉପଜିଲାପାଳ ଓ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏହା ଥମିବାର ନାଁ ଧରି ନ ଥିଲା।

ଚଳିତ ବର୍ଷ ମହୋତ୍ସବ ପାଳନ ପାଇଁ ଗତବର୍ଷ ଗଠନ କରାଯାଇଥିବା ଆଠଗଡ ମହୋତ୍ସବ ପୂଜା କମିଟି ଭାଙ୍ଗି, ବିଭିନ୍ନ ବଜାର କମିଟି ଜରିଆରେ ଏହାକୁ କରିବା ପାଇଁ ବୈଠକରେ କେତେଜଣ ଦାବି କରିଥିଲେ। ଏହାକୁ ପୂଜା କମିଟିରେ ଥିବା କେତେଜଣ ବ୍ୟକ୍ତି ବିରୋଧ କରିଥିଲେ। ପାରମ୍ଭରେ ଉପଜିଲାପାଳ ଶର୍ମା ମହୋତ୍ସବ କମିଟିର ଆବାହକ ପଦରୁ ଓହରି ଆଇନଜୀବୀ ରଥଙ୍କ ନାମରେ ପ୍ରସ୍ତାବ ଦେବାରୁ ବିବାଦ ଆରମ୍ଭ ହୋଇଥିଲା। ଏହାକୁ ନେଇ ବାଦବିବାଦ ସୃଷ୍ଟି ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ପୂର୍ବ କମିଟିକୁ ଭାଙ୍ଗି, ନୂତନ କମିଟି ତିଆରି ପାଇଁ ଆଠଗଡ ସହରର ନିର୍ଦ୍ଦିଷ୍ଟ ୬ଟି ବଜାରକୁ ଦାୟିତ୍ୱ ଦେଇଥିଲେ। ଏହା ଘୋଷଣା କରିବା ପରେ ଆଠଗଡ ଏନ୍‌ଏସି ଅନ୍ତର୍ଗତ କଣ୍ଟ୍ରୋଲ ବଜାର ଓ ଅନ୍ୟାନ୍ୟ ବଜାର କମିଟିର ସଦସ୍ୟ,ଆଠଗଡ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି.ଶୁଭ୍ର ଶଙ୍କର ଜ୍ୟୋତି, କାଉନସିଲର ସିପ୍ରା ଦାଶ ପୂର୍ଣ୍ଣିମା ବେହେରା ଅଶୋକ ବାରିକ,ମମତା ଦାସ ଙ୍କ ସମେତ ବହୁ ସମର୍ଥକ ସଭାଗୃହ ଛାଡି ଚାଲିଯାଇଥିଲେ। ପରେ ଉପଜିଲାପାଳ ଶର୍ମା ସଭା ଶେଷ କରି ଚାଲିଯାଇଥିଲେ। ଫଳରେ ଚଳିତବର୍ଷ ଆଠଗଡ ମହୋତ୍ସବ ପାଳନ ନେଇ ଅନିଶ୍ଚିତତା ଦେଖାଦେଇଛି। ଏନେଇ ଉପଜିଲାପାଳ ଶର୍ମାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମୋବାଇଲ୍ ନମ୍ବର ଲାଗି ନ ଥିଲା।

# ‘ମହୋତ୍ସବ ଦ୍ୱାରା ଭାଇଚାରା ବୃଦ୍ଧି ପାଏ’

**ଖୁଣ୍ଟୁଣୀ ମହୋତ୍ସବର ୪ର୍ଥ ସନ୍ଧ୍ୟା**

ଖୁଣ୍ଟୁଣୀ,୨୨।୧୧(ସଚ୍ଚିଦାନନ୍ଦ ପଣ୍ଡା):

ଖୁଣ୍ଟୁଣୀ ଯାତ୍ରା ପଡିଆରେ ଅନୁଷ୍ଠିତ ଖୁଣ୍ଟୁଣୀ ମହୋତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ କହିଛନ୍ତି, ମହୋତ୍ସବ ଦ୍ୱାରା ଭାଇଚାରା ବୃଦ୍ଧି ପାଏ। ଆଗାମୀ ଦିନରେ ଆଠଗଡ଼ ଓ ଖୁଣ୍ଟୁଣୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପର ବିକାଶ ଶିଖରରେ ପହଞ୍ଚିବ। ଖୁଣ୍ଟୁଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବ ବୋଲି ବିଧାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥିରେ ମୁଖ୍ୟବକ୍ତା ଭାବେ ଭାଜପା ନେତା ତୁଷାରକାନ୍ତି ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଶିଷ୍ଟ ଅତିଥି ଭାବେ ଆଠଗଡ଼ର ଭାଜପା ନେତା ଅଭୟ ବାରିକ, କଟକ ମହାନଗର ନିଗମର କର୍ପୋରେଟର ଗଗନ ଓଝା, ଭାଜପା ଛାତ୍ରନେତା ରାଣାପ୍ରତାପ ପାତ୍ର ଯୋଗଦେଇଥିଲେ। ଆୟୋଜକ କମିଟିର ସାଧାରଣ ସମ୍ପାଦକ ମଳୟ ରଞ୍ଜନ ବସ୍ତିଆ ସଭା ସଂଯୋଜନା କରିଥିବାବେଳେ ଜିତେନ୍ଦ୍ର ସାହୁ, ସତ୍ୟବ୍ରତ ସାହୁ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମହୋତ୍ସବ ପଡିଆରେ ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଦୋଳିରେ ବସି ମଜା ନେଇଥିଲେ।

# ଶିବିରରେ ପରିବେଶ ସଚେତନତା ବାର୍ତ୍ତା




କଟକ,୨୨।୧୧ (କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ସ୍ୱତନ୍ତ୍ର ଶିବିର ତଳ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡା. ଜୟନ୍ତ କୁମାର ପଣ୍ଡା ଯୋଗଦେଇ ପରିବେଶ ସଚେତନତା ସମ୍ପର୍କରେ ସଚେତନ କରିଥିଲେ। ମୁଖ୍ୟବକ୍ତା ଡ. ସୁରେଖା ସୁନ୍ଦରୀ ଜାତୀୟ ସେବା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ସତ୍ୟ ରାୟ ଓ ଡ. ଦିଲ୍ଲୀପ କୁମାର କର ସାଧନାରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଡ. ସରୋଜ କୁମାର ଦାଶ ବିବରଣୀ ପାଠ ଓ ସହଯୋଗୀ ପ୍ରୋଗ୍ରାମ ଅଫିସର ଅମ୍ରିତା ଲେଖା ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ବିଷୟରେ ସମସ୍ତେ ଜାଣିବା ଉଚିତ




କଟକ,୨୨।୧୧ (କାର୍ତ୍ତିକ ସାହୁ):

ସଡ଼କ ସୁରକ୍ଷା ବିଷୟରେ ସମସ୍ତେ ଜାଣିବା ଉଚିତ । ପ୍ରତିଦିନ ଆମ ଦେଶରେ ୩୭୫ ଜଣ ବ୍ୟକ୍ତି ବିଭିନ୍ନ କାର୍ଯ୍ୟରେ ଘରୁ ବାହାରି ଦୁର୍ଭାଗ୍ୟବଶତଃ ଦୁର୍ଘଟଣାର ସମ୍ମୁଖୀନ ହୋଇ ସ୍ୱଗୃହକୁ ଫେରି ନ ଥାନ୍ତି। ମୁଖ୍ୟତଃ ପାଞ୍ଚଟି ‘ଇ’ ଏନଭର୍ନମେଣ୍ଟ, ଏଡୁକେସନ, ଇଞ୍ଜିନିୟରିଂ ଅଫ୍ ରୋଡ୍, ଇଞ୍ଜିନ, ଏନ୍‌ଫୋର୍ସମେଣ୍ଟ ପ୍ରତି ସବୁ ରାସ୍ତା ବ୍ୟବହାରକାରି ସଚେତନ ହେବା ଆବଶ୍ୟକ। ଦୁର୍ଘଟଣା ଘଟିବାର ପ୍ରଥମ ଦୁଇ ଘଣ୍ଟା ସମୟକୁ ଗୋଲ୍‌ଡେନ୍ ଆୱାର କୁହାଯାଏ, ଯାହା ବ୍ୟକ୍ତିଙ୍କ ଜୀବନ ପ୍ରତି ଗୁରୁତ୍ୱ ବହନ କରେ। ସେଥିଲାଗି ୭ ବର୍ଷରୁ କମ୍ ବୟସ ପିଲାମାନଙ୍କୁ ଏକାକୀ ରାସ୍ତାକୁ ନ ଛାଡ଼ିବା ରାସ୍ତା ଉପରେ ନ ଖେଳିବା, ଜେବ୍ରା କ୍ରସିଂରେ ରାସ୍ତା ପାରହେବା, ରାସ୍ତାରେ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଲାଇବା, ଯାନବାହନଜନିତ ପ୍ରଦୂଷଣ ହ୍ରାସ କରିବା ପ୍ରତି ଚେଷ୍ଟିତ ହେବା ଦିଗରେ ସଚେତନ ହୋଇ ଦୁର୍ଘଟଣା ପ୍ରତିରୋଧ କରିବାରେ ସଫଳ ହୋଇପାରିବା ବୋଲି କଟକ ମିଡ୍‌ଟାଉନ ରୋଟାରୀ କ୍ଲବ୍ ସଭାପତି ତଥା ରାଜ୍ୟସ୍ତରୀୟ ଦୁର୍ଘଟଣା ପ୍ରତିରୋଧକ ସଂସ୍ଥାର ପ୍ରତିଷ୍ଠାତା ସମ୍ପାଦକ ଡ. ଆଶୁତୋଷ ଦେବତା, ଅତିଥି ବକ୍ତା ଡ. ବିକାଶ ମହାପାତ୍ର ମତବ୍ୟକ୍ତ କରିଛନ୍ତି। କଟକ ଦୋଳମୁଣ୍ଡେଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ରୋଟାରିଆନ ବିଭୁତି ଭୂଷଣ ରାଉତ, ମେଜର ନନ୍ଦ କିଶୋର ଶତପଥି, କୈଳାଶ ଚନ୍ଦ୍ର ପାଢ଼ୀ, ଡ. ଦୁଷ୍ମନ୍ତରାଜ ବିଶ୍ୱାଳ, ଶଶାଙ୍କ ମହାପାତ୍ର, ଅରୁଣ କୁମାର ଦାଶ, କାହ୍ନୁ ଚରଣ ଦାସ, ସମ୍ଭିତ କର, ଡ. ରଜନୀକାନ୍ତ ଶତପଥି ଯୋଗଦେଇଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୮୧ ପ୍ରକଳ୍ପ

ମାଣିଆବନ୍ଧ,୨୨।୧୧
(ଅଖିଳ କୁମାର ସାହୁ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶାସ୍ତ୍ରୀଜୀ ଉନ୍ନୀତ ମଧ ଇଂଲିଶ୍ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୭ ପ୍ରକଳ୍ପ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶଚନ୍ଦ୍ର ମତ୍‌ଗଜ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ବିଜୟ କୁମାର ଦଳବେହେରା, ବିଶିଷ୍ଟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ୩୦ ନଂ. ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଏବିଇଓ ବିବେକାନନ୍ଦ ସାହୁ, ନିର୍ମଳା ବେହେରା, ପ୍ରଧାନ ଶିକ୍ଷକ ଶିବପ୍ରସାଦ ବ୍ରହ୍ମା, ପରିଚାଳନା କମିଟି ସଭାପତି ମନୋଜ କୁମାର ପ୍ରଧାନ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଚାରକଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ.ସୁବାଷ ଚନ୍ଦ୍ର ଆସ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଫଲ୍‌ଗୁନୀ ବେହେରା, ଡିଗିରିଆ ବ୍ଲକ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷୀକେଶ ବେହେରା, ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଶ୍ରୀନିବାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଓ ଅଶୋକ କୁମାର ଧଳ ମଞ୍ଚ ପରିଚାଳନା କରିଥିଲେ। ବିଜୟ କୁମାର ଛତ୍ର, ଶ୍ୟାମବନ୍ଧୁ ବେଉରା, କାମରାଜ ସାହୁ, ସରୋଜ କୁମାର ରଥଶର୍ମା, ମନୋଜ କୁମାର ରଥ, ଚିତ୍ତରଞ୍ଜନ ପ୍ରଧାନ, ଶ୍ରୀକାନ୍ତ ମିଶ୍ର, ବୀରବର ବାରିକ, ସୁରସୁନ୍ଦର ଶତପଥୀ, ଶ୍ରୀନିବାସ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ରମେଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ଲକି ଡ୍ରରେ ହେଲ୍‌ମେଟ୍ ଉପହାର

**ବାଲିଯାତ୍ରାରେ ସଡ଼କ ସୁରକ୍ଷା ଶପଥପାଠ**

କଟକ,୨୨।୧୧ (କାର୍ତ୍ତିକ ସାହୁ):

ଐତିହାସିକ କଟକ ବାଲିଯାତ୍ରାରେ ସଡ଼କ ସୁରକ୍ଷାର ଶପଥପାଠ ସହ ସେଲ୍ଫି ଏବଂ ପ୍ରତିଦିନ ହେଲ୍‌ମେଟ୍ ଉପହାର ଜିତିବାର ସୁଯୋଗ। ଗୋଟିଏ ସ୍ଥାନରେ ପରିବହନ ସେବା ସମ୍ବନ୍ଧୀୟ ସମସ୍ତ ସୂଚନା ଏବଂ ସହଯୋଗ ମିଳୁଛି। ଓଡ଼ିଶା ସଡ଼କ ସୁରକ୍ଷା ସମିତି ଏବଂ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବାଲିଯାତ୍ରା ତଳପଡ଼ିଆ ଡିସିପି ଅଫିସ ଗଡ଼ା ହାଇକୋର୍ଟ ଷ୍ଟଲ୍ ପଛରେ ସ୍ୱତନ୍ତ୍ର ଷ୍ଟଲ ଆଗନ୍ତୁକଙ୍କୁ ଆକର୍ଷିତ କରୁଛି। ଏହି ଅବସରରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ଏହି ଷ୍ଟଲ ପରିଦର୍ଶନ କରି ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍ ବୋଲି ଠାକୁର ମତ ରଖିଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୩୦୭ ପ୍ରକଳ୍ପ ପ୍ରଦର୍ଶିତ

ଖୁଣ୍ଟୁଣୀ,୨୨।୧୧(ସଚ୍ଚିଦାନନ୍ଦ ପଣ୍ଡା):

ଆଠଗଡ଼ ବ୍ଲକ ଅଧୀନ ଘଣ୍ଟିଖାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଠଗଡ଼ ଡେପୁଟି କଲେକ୍ଟର ମଧୁସ୍ମିତା ବିଶି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ ତଥା ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ପରିଚାଳନା କମିଟି ସଭାପତି ବିଜୟଲକ୍ଷ୍ମୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଶିଶିର କୁମାର ମିଶ୍ର, ଅତିରିକ୍ତ ବିଇଓ ରଞ୍ଜିତ ମହାନ୍ତି, ଘଣ୍ଟିଖାଲ ସରପଞ୍ଚ ସୁଜାତା ମଞ୍ଜରୀ ରାଉତରାୟ ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ମହାନ୍ତି ଯୋଗଦେଇଥିଲେ। ଘଣ୍ଟିଖାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ହରେକୃଷ୍ଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ଆଠଗଡ଼ ବ୍ଲକ୍‌ର ମୋଟ ୧୭୫ ସ୍କୁଲର ଛାତ୍ରୀଛାତ୍ର ୩୦୭ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିମଧ୍ୟରୁ କନ୍ଦରପୁର ହାଇସ୍କୁଲର ସତ୍ୟଜିତ୍ ପ୍ରଧାନ, କୁଲାଇଲୋ ହାଇସ୍କୁଲର ଶୁଭାଶିଷ ତୃପ୍ତିରଞ୍ଜନ ସାହୁ, ଧାଇପୁର ୟୁଜି ହାଇସ୍କୁଲର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠର ଚିନ୍ମୟ କୁମାର ସାହୁ, ପାଦପଥର ପ୍ରାଥମିକ ବିଦ୍ୟାଳୟର ଶୁଭଶ୍ରୀ ସୋରେନ, କୁଲାଇଲୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବି. ତ୍ରିଥେନ୍ଦୁ ଶେଖର, ରାଧାକିଶୋରପୁରସ୍ଥିତ ଗୋବିନ୍ଦ ଚନ୍ଦ୍ର ନୋଡାଲ ୟୁପି ସ୍କୁଲର ଲକ୍ଷ୍ମୀପ୍ରିୟା ବେହେରାଙ୍କ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ଯିବା ପାଇଁ ଚୟନ କରାଯାଇଛି।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଦୁଇ ସିମେଣ୍ଟ ପ୍ଲାଣ୍ଟ ପରିଚାଳକ ଗିରିଶ ତିୱାରି, ମୁଖ୍ୟବକ୍ତା ଶିକ୍ଷାବିତ୍ ଶ୍ରୁତିଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ଲାଣ୍ଟ ପାରିପାର୍ଶ୍ୱିକ ଅଧିକାରୀ ଶୁଶୀଲ ପ୍ରଧାନ, ପ୍ରଶାନ୍ତ ପୂଜାରୀ, ସମିତି ସଭ୍ୟା ରଞ୍ଜୁବାଳା ପ୍ରଧାନ, ବ୍ଲକ ନୋଡାଲ ଏଚ୍‌ଏମ୍ ପବିତ୍ର ସାହୁ ଯୋଗଦେଇଥିଲେ। ଶିକ୍ଷକ ଶଶଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଘଣ୍ଟିଖାଲ ହାଇସ୍କୁଲର ଶିକ୍ଷକ ନୀଳମଣି କଅଁର, ଅସିତ୍ ତ୍ରିପାଠୀ, ଶିକ୍ଷୟିତ୍ରୀ ସୌଦାମିନୀ ସାମନ୍ତରାୟ, ଘଣ୍ଟିଖାଲ ନୋଡାଲ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଅଜୟ ସେଠୀ, ଶିକ୍ଷକ ସୁଧାଂଶୁ ମୋହନ ବେଉରା, ଆଶିଷ ରାଉତରାୟଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବିଜ୍ଞାନମେଳାରେ ଛାତ୍ରଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ

- ୨ କୋଟି ୮୨ଲକ୍ଷ ୧୦ହଜାର ୪୫ ଟଙ୍କା ବ୍ୟୟ ମଞ୍ଜୁର ହୋଇଥିଲା
- ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ
- ନିର୍ମାଣର ଅଳ୍ପଦିନରେ ଅବସ୍ଥା ଶୋଚନୀୟ

ନିଶ୍ଚିନ୍ତକୋଇଲି,୨୨।୧୧
(ଅଶୋକ କୁମାର ମହାପାତ୍ର):


ନିମ୍ନମାନର କାମ ଯୋଗୁ ରାସ୍ତାରୁ ଗୋଡ଼ି ଉଠିଯାଇଛି।

ମାହାଙ୍ଗା ବ୍ଲକର ଗୋତରାଠାରୁ କାଲୁରିଆ ପର୍ଯ୍ୟନ୍ତ ସାଢେ ଛଅ କିଲୋମିଟର କେନାଲ ବନ୍ଧ ରାସ୍ତା ଏବେ ଶୋଚନୀୟ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀନ ଥିବା ଏହି ରାସ୍ତାଟି ଖାଲଖମାରେ ପୁରି ଯାଇଥିଲେ ମଧ୍ୟ ବିଭାଗୀୟସ୍ତରରେ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶପାଇଛି।

ଏହି କେନାଲ ବନ୍ଧ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇଥିଲା। ଏହି କାର୍ଯ୍ୟ ନିମନ୍ତେ ୨ କୋଟି ୮୨ଲକ୍ଷ ୧୦ହଜାର ୪୫ ଟଙ୍କା ମଞ୍ଜୁର କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଗତ ୨୦୧୮ ନଭେମ୍ବର ୬ରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୯ ଅକ୍ଟୋବର ୫ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବା କଥା। ମାତ୍ର ଠିକାଦାର ବିଳମ୍ବରେ ଏବଂ ଅତ୍ୟନ୍ତ ମନ୍ଥର ଗତିରେ ଏହି ରାସ୍ତାର ନିର୍ମାଣ କରିଥିଲେ।୨୦୨୨ରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଥିଲା।

ତେବେ ଅଟକଳ ଅନୁଯାୟୀ, ଠିକାଦାର ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରି ନ ଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ନିର୍ମାଣର ମାତ୍ର ଅଳ୍ପ ଦିନ ମଧ୍ୟରେ ରାସ୍ତାଟି ମରଣଯନ୍ତା ପାଲଟିଯାଇଛି। ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଟିକିଏ ବର୍ଷା ହେଲେ ସେଥିରେ ପାଣି ଜମି ରହୁଛି। ଫଳରେ ବହୁ ସମୟରେ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି।

ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଥିବାରୁ ଜରୁରୀକାଳୀନ ପରିସ୍ଥିତିରେଏହି ବାଟଦେଇ କୌଣସି ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାତୟାତ କରିପାରୁନାହିଁ। ଫଳରେ ସ୍ଥାନୀୟ ଲୋକେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଏହି ରାସ୍ତା ଉପରେ ମାହାଙ୍ଗା ବ୍ଲକର ଗୋତରା, ଉମର,ଝାଡ଼େଶ୍ୱରପୁର, ନାହାଙ୍ଗ, ପଲ୍ଲୀସାହି, ଭଉଁରିଆ ସମେତ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବଡ଼ଖିର, ନତକାଇ, ନିଶ୍ଚିନ୍ତକୋଇଲି ଆଦି ପଞ୍ଚାୟତର ଲୋକେ ନିର୍ଭରଶୀଳ। ପ୍ରତିବର୍ଷ ସରକାରୀ କାଗଜକଲମରେ ରାସ୍ତା ମରାମତି କରାଯାଉଥିବା ଦର୍ଶାଯାଇ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଦୂର ହେଉ ନାହିଁ। ଏପରିକି ରାସ୍ତାର ଦୁଇ ପାର୍ଶ୍ୱ ସଫେଇ କରାଯାଉ ନ ଥିବା କାରଣରୁ ବିଷାକ୍ତ ସରୀସୃପଙ୍କ ନିର୍ଭୟ ଆଶ୍ରୟସ୍ଥଳୀରେ ପରିଣତ ହୋଇଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶିନୀ ଦାସ କୁହନ୍ତି, ରାସ୍ତା ଦୂରାବସ୍ଥା ସମ୍ପର୍କରେ ବିଭାଗ ଅବଗତ ଅଛନ୍ତି। ଏନେଇ ସରକାରଙ୍କୁ ଆଲଟମେଣ୍ଟ ମଗାଯାଇଛି । ବ୍ୟୟବରାଦ ହେଲେ ରାସ୍ତା ମରାମତି କରାଯିବ।

## ସଂକ୍ଷେପରେ

### ରାସ୍ତା ମଝିରେ କାର୍ ଥୋଇ ପଳାଇଲେ ଚାଳକ ଟ୍ରାଫିକ୍ ଜାମ୍

ଭୁବନେଶ୍ୱର,୨୨।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଦେଇଯାଇଥିବା ୧୬ ନଂ. ଜାତୀୟ ରାଜପଥର ବରମୁଣ୍ଡାଠାରେ ରାସ୍ତା ମଝିରେ ଏକ କାରକୁ ଥୋଇ ଚାଳକ ହଠାତ୍ ପଳାଇଯିବା ଘଟଣା ସହରରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଚାଳକ ଜଣକ ଏହି ଘଟଣା ଘଟାଇଥିଲେ। ପ୍ରାୟ ୩୦ ମିନିଟରୁ ଊର୍ଦ୍ଧ୍ୱ ସମୟ କାରଟି ରାସ୍ତା ମଝିରେ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଟ୍ୟାଫିକ୍ ଜାମ୍ ହୋଇଥିଲା। ତେବେ ଖବର ପାଇ ପୋଲିସ ପହଞ୍ଚିବାବେଳକୁ କାର୍‌ଟି ସେଠାରେ ନ ଥିବା ଜଣାପଡିଥିଲା। ତେବେ କେଉଁ କାରଣ ପାଇଁ ଚାଳକ ଜଣକ କାର୍ ଥୋଇ ପଳାଇଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ସୂଚନା ଦିଆଯାଇଛି।

### ଉତ୍କଳ ରଙ୍ଗମଞ୍ଚରେ ଓଡ଼ିଶୀନୃତ୍ୟ, ସଙ୍ଗୀତ

ଭୁବନେଶ୍ୱର,୨୧।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ଗବେଷଣା କେନ୍ଦ୍ର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଉତ୍କଳ ରଙ୍ଗମଞ୍ଚ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଗୁରୁ ଏବଂ ଓଡିଶୀ ଛାତ୍ରୀଛାତ୍ରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜ୍ୟୋତିରାଣୀ ନାୟକ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଓଡ଼ିଶୀ ନୃତ୍ୟ ବଟୁ ଏବଂ ଆରଭୀ ପଲ୍ଲବୀ ପରିବେଷଣ କରିଥିଲେ। ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଦ୍ୱାରା ସଙ୍ଗୀତ ସଂଯୋଜନା ଓ ନୃତ୍ୟାଭିନୟକୁ ଗୁରୁ ଲୀଳା ନନ୍ଦ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସମସ୍ତ ସଙ୍ଗୀତଗୁଡ଼ିକୁ ଶିଳ୍ପୀମାନେ ଖୁବ୍ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଉଭୟ ଓଡ଼ିଶୀନୃତ୍ୟ ଓ ଓଡ଼ିଶୀ ସଙ୍ଗୀତର ଭାବଧାରାକୁ ନେଇ ଏହି କାର୍ଯ୍ୟକ୍ରମ ପ୍ରତି ମାସର ଶେଷ ସପ୍ତାହରେ ଅନୁଷ୍ଠିତ ହୋଇଥାଏ।

### ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ

ଭୁବନେଶ୍ୱର,୨୨।୧୧(ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକ ନିକଟରେ ଥିବା ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡ଼ା, ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଆ ଭାଷାରେ 'ସମ୍ପାଦନା'ର ବନାନ ଶୁଦ୍ଧି ସଂଶୋଧନର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨୧।୧୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଓଡ଼ିଆ ଭାଷାରେ 'ସମ୍ପାଦନା'ର ବନାନ ଶୁଦ୍ଧି ସଂଶୋଧନ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିର ଗତ ୧୮ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷାର୍ଥୀମାନଙ୍କୁ ଶୁଦ୍ଧ ଓଡ଼ିଆ ଲିଖନ, ସମ୍ପାଦନା ଓ ପ୍ରୁଫ୍ ସଂଶୋଧନର ବିଭିନ୍ନ ନିୟମାବଳୀ ଓ ପ୍ରାସଙ୍ଗିକତା ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିଲାଗି ବିଭିନ୍ନ ଜିଲାରୁ ୧୩୦ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଶୁଦ୍ଧ ଓଡ଼ିଆ ଲିଖନ ପାଇଁ ଉପଦେଶ ଦେବା ସହ ଓଡ଼ିଆ ଭାଷାରେ ସମ୍ପାଦନା ଓ ପ୍ରୁଫ ସଂଶୋଧନ କରିବାର ବିଭିନ୍ନ ନିୟମାବଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ।

# ଲିଙ୍ଗରାଜ ମନ୍ଦିରରେ ବିଦେଶିନୀ, ନୀତି ବିଳମ୍ବ

ପୁରୁଣା ଭୁବନେଶ୍ୱର,୨୨।୧୧
(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶୁକ୍ରବାର ଜଣେ ବିଦେଶିନୀ ପ୍ରବେଶ କରିବାରୁ ଠାକୁରଙ୍କ ସକାଳ ଧୂପ ନୀତି ବିଳମ୍ବ ହୋଇଥିଲା। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସକାଳେ ମନ୍ଦିର ପହୁଡ଼ ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ସାହାଣମେଲା ଦର୍ଶନ, ରୋଷହୋମ କରାଯାଇଥିଲା। ସକାଳ ୯ଟା ୩୦ରେ ଦର୍ଶନ ବନ୍ଦ କରାଯାଇ ଛାମୁ ପରିଷ୍କାର କରାଯାଇଥିଲା। ଏହାପରେ ମହାସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ ଓ ଭୁବନେଶ୍ୱରୀ ଠାକୁରାଣୀଙ୍କ ଖଇଦହି ବଲ୍ଲଭ ସରିବା ପରେ ଜଣେ ବିଦେଶିନୀ ପୋଲିସ ଓ ମନ୍ଦିର କର୍ମଚାରୀଙ୍କୁ ଅତିକ୍ରମ କରି ମନ୍ଦିରକୁ ପ୍ରବେଶ କରି ବାଇଶ ପାହାଚ ନିକଟରେ ପହଞ୍ଚିଥିଲେ। ଏହା ଦେଖି କେତେଜଣ ସେବକ ହୋହଲ୍ଲା କରିବାରୁ କାର୍ଯ୍ୟରତ ମନ୍ଦିର କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ବାହାରକୁ ନେଇଆସିଥିଲେ। ଏହାପରେ ଠାକୁରଙ୍କ ରୋଷରେ ରୋଷ କରାଯାଇଥିବା କୋଠ ଭୋଗ ଓ ଯଜମାନୀ ଭୋଗକୁ ଅମୁଣିଆ କୂଅରେ ପକାଯାଇଥିଲା। ଏଥସହ ମନ୍ଦିରକୁ ବଡ଼ଧୋକାଳ କରାଯାଇଥିଲା। ପରେ ପୁଣି ରୋଷହୋମ କରାଯାଇ ଠାକୁରଙ୍କ ପାଇଁ ଭୋଗ ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ହେବା ବେଳକୁ ଅପରାହ୍ନ ୨ଟା ୪୫ ହୋଇଯାଇଥିଲା। ତେବେ ମନ୍ଦିର ପ୍ରଶାସନ ଏବଂ ସୁରକ୍ଷା ପୋଲିସଙ୍କ ଅବହେଳାରୁ ଏହି ବିଭ୍ରାଟ ଦେଖାଦେଇଥିବା ବରିଷ୍ଠ ସେବାୟତ ଶଶିକାନ୍ତ ପୂଜାପଣ୍ଡା କହିଛନ୍ତି।

# ଜଙ୍ଗଲ ଜମିର ଅଧିକାର ପାଇବେ ବନ ସୁରକ୍ଷା ସମିତି



ପଲ୍ଲିସଭାରେ ଉପସ୍ଥିତ ଗ୍ରାମବାସୀ ଏବଂ ଅନ୍ୟମାନେ।

ବୋଲଗଡ଼,୨୨।୧୧(ଦେବବ୍ରତ ହୋତା)

**ମୋ ଜଙ୍ଗଲ ଜମି ସମ୍ବନ୍ଧୀୟ ପଲ୍ଲିସଭା**

ଧଳାପଥର ପଞ୍ଚାୟତ ଅଧୀନ ଓଣାପଲ୍ଲୀ ଗ୍ରାମରେ ଜଙ୍ଗଲ ଜମି ସମ୍ବନ୍ଧୀୟ ପଲ୍ଲୀସଭା ବାଲୁକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ ତହସିଲଦାରଙ୍କ କାର୍ଯ୍ୟାଳୟର ଜଙ୍ଗଲ ଅଧିକାର ଆଇନ କମିଟି ସଂଯୋଜକ ସୁମିତ କୁମାର ପ୍ରଧାନ ଯୋଗଦେଇ ମୋ ଜଙ୍ଗଲ ଜମି ଅଧିକାର ଉପରେ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏନେଇ ଗ୍ରାମବାସୀଙ୍କ ଅଧିକାର ସମ୍ପର୍କିତ ଆଲୋଚନାରେ ୧୯୬୫ମସିହାରୁ ଗ୍ରାମବାସୀମାନେ ଗ୍ରାମୀୟ ଓଣାପଲ୍ଲୀ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ନେଇଥିବା ବେଳେ ସେମାନେ କିପରି ଅଧିକାର ହାସଲ କରିପାରିବେ ସଂଯୋଜକ ପ୍ରଧାନ ବୁଝାଇଥିଲେ। ଆଲୋଚନାରେ ମୁଖ୍ୟତଃ ସରକାରଙ୍କ ମୋ ଜଙ୍ଗଲ ଜମି ଆଇନ ଅନୁସାରେ ବର୍ତ୍ତମାନ ସରକାରଙ୍କ ଅଧିକାର ଥିବା ଜଙ୍ଗଲ ଜମିକୁ ବନ ସୁରକ୍ଷା ସମିତି ନାମରେ ପଟ୍ଟା ପ୍ରଦାନ କରିଦିବା ନିର୍ଦ୍ଦେଶ ସହ ବ୍ୟକ୍ତିଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଅଧିକାର ଓ ଗୋଷ୍ଠୀ ସମ୍ବଳ ଅଧିକାର ବିଷୟରେ ଆଲୋଚନା ହୋଇଥିଲା। ଏହି ସଭାରେ ବନ ସୁରକ୍ଷା ସମିତି ସଭାପତି ଭାଗୀରଥି ଦାଶ, ସମ୍ପାଦକ ଧ୍ରୁବ ଚରଣ ମହାପାତ୍ର, ଫକିର ଚରଣ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦାଶରଥି ମହାପାତ୍ର, ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ମହିଳା ଗୋଷ୍ଠୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଶ୍ୱ ଦର୍ଶନ ଦିବସ, ରାଜ୍ୟସ୍ତରୀୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବାଲୁଗାଁ,୨୨।୧୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ଦର୍ଶନ ଦିବସ ଏବଂ ରାଜ୍ୟସ୍ତରୀୟ ସମ୍ମାନ ଅଧକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଏବଂ ଦାର୍ଶନିକ ସକ୍ରେଟିସଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦର୍ଶନ ବିଭାଗର ନିୟମିତ ପତ୍ରିକା 'ତତ୍ତ୍ୱଧାରା'ର ତୃତୀୟ ସଂଖ୍ୟା ସନ୍ଥକବି ଭୀମଭୋଇଙ୍କ ଦର୍ଶନ ସମ୍ବଳିତ ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକାର ସମ୍ପାଦକ ତଥା ଦର୍ଶନ ବିଭାଗ ମୁଖ୍ୟ ଅଧାପକ ଡ.କୈଳାସ ଚନ୍ଦ୍ର ମହାରଣା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପୂର୍ବତନ ବିଭାଗ ମୁଖ୍ୟ ଡ.ବସନ୍ତ କୁମାର ଦାଶ ଦର୍ଶନଶାସ୍ତ୍ର କିପରି ବୌଦ୍ଧିକ ଜିଜ୍ଞାସା, ବିଚାରଗତ ସ୍ୱଷ୍ଟୀକରଣ ଓ ନୈତିକ ମୂଲ୍ୟବୋଧ ମାଧ୍ୟମରେ ଜଗତର ମଙ୍ଗଳ କରିଥାଏ ଏବଂ ଜୀବନ ସହିତ ସମାଜର ନିବିଡ଼ ସମ୍ପର୍କକୁ ପରିପୁଷ୍ଟ କରିଥାଏ ତାହା ଗୀତା ଶାସ୍ତ୍ର ଜରିଆରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବେ ନବରଙ୍ଗପୁର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.ରାଧାନାଥ ବେହେରା ଯୋଗଦେଇ ସକ୍ରେଟିସଙ୍କ ବାଲ୍ୟକାହାଣୀ, ପ୍ଲାଟୋ ଓ ଆରିଷ୍ଟୋଟଲଙ୍କ ଦର୍ଶନ ସହିତ ଗାନ୍ଧୀ ଓ ବିବେକାନନ୍ଦଙ୍କ ସୂକ୍ଷ୍ମ ଚିନ୍ତନକୁ ସଂଯୋଜିତ କରିଥିଲେ। ଯୁକ୍ତ ୨ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଦର୍ଶନ ଶାସ୍ତ୍ରର ପ୍ରୟୋଗାତ୍ମକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ଫିଲୋକୁଇଜ ଓ ଦର୍ଶନ ନିବନ୍ଧ ଉପସ୍ଥାପନା କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ.କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଅଧାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଡ.ମୋନାଲିସା ମାନସିଂହ, ଡ.ସନ୍ତୋଷ ରଥ, ସ୍ୱାତୀ ସ୍ୱାଗତିକା, ପ୍ରିୟମ୍ବଦା ମହାପାତ୍ର, ପ୍ରବୀଣ ଜେନା, ସୁଧାକର ନାୟକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ନୂତନ କୃଷି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ବୋଲଗଡ,୨୨।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକର ନୂତନ କୃଷି ଅଧିକାରୀଭାବେ ସନ୍ତୋଷ କୁମାର ପରିଡ଼ା ଯୋଗଦେଇଛନ୍ତି। ଏଠାରେ କାର୍ଯ୍ୟରତ କୃଷି ଅଧିକାରିଣୀ ସୀତା ରତ୍ନମାଳା ଦାସଙ୍କ ଅନ୍ୟତ୍ର ବଦଳି ହୋଇଛି। ନୟାଗଡ ଜିଲ୍ଲା ବିହନ ନିଗମର ଅଧିକାରୀ ଭାବେ ପରିଡ଼ା କାର୍ଯ୍ୟ କରୁଥିଲେ। କୃଷକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିଭିନ୍ନ କଲ୍ୟାଣ ଯୋଜନାର ସଫଳ ରୂପାୟନ କରିବା ସହ ଏହି ଅଞ୍ଚଳରେ ଚାଷୀ ଓ ଚାଷର ସମସ୍ତ ସମସ୍ୟା ସମାଧାନ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପରିଡ଼ା କହିଛନ୍ତି। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ବିଭାଗୀୟ କର୍ମଚାରୀ ଓ ପ୍ରମୁଖ ଚାଷୀମାନେ ନୂତନକୃଷି ଅଧିକାରୀଙ୍କୁ ପୁଷ୍ପତୋଡ଼ା ଦେଇ ସ୍ୱାଗତ କରିଥିଲେ।

### ମଠ ମହନ୍ତଙ୍କ ପରଲୋକ

ବେଗୁନିଆ,୨୨।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଗୋଡ଼ା ଗ୍ରାମସ୍ଥିତ ରାଧା ମୋହନ ଦେବ ମଠର ମହନ୍ତ ପରମେଶ୍ୱର ଦାସ ମହାରାଜ(୮୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଆଧ୍ୟାତ୍ମିକବାଦୀ, ସ୍ନେହୀ, ଦୟାଳୁ ଓ ମେଳାପି ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ମଠ ପରିସରରେ ସମାଧି ଦିଆଯାଇଛି। ତାଙ୍କ ବିୟୋଗରେ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକ ପ୍ରକାଶ କରିଛନ୍ତି।

### ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ ଜିଲା ପରିଷଦ ଉପାଧ୍ୟକ୍ଷ



ବାଣପୁର,୨୨।୧୧(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଶୁକ୍ରବାର ବାଣପୁର ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅନ୍ତର୍ଗତ ଅରାଙ୍ଗ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଧୂଆଁନଳି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା, ଭିତ୍ତିଭୂମି ଏବଂ ମଧ୍ୟାହ୍ନ ଭୋଜନ ମାନ ଆଦି ଉପାଧ୍ୟକ୍ଷ ନିରୀକ୍ଷଣ କରିଥିଲେ।

ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସହ ଅରାଙ୍ଗ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସାଧାରଣ ବିଜ୍ଞାନ ବିଷୟ ପଢ଼ାଇବା ସହ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ସିଆର୍‌ସିସି ଦିଲୀପ ଦାସ ଏବଂ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଖୋର୍ଦ୍ଧା,୨୧।୧୧(ପ୍ରଭାତ ପାଣିଗ୍ରାହୀ)

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଖୋର୍ଦ୍ଧା ସ୍ଥିତ ଅମିତ ପରିଚାଳନା ଓ ଆଇଟି ଏକାଡେମୀର ମିଳିତ ଆନୁକୂଲ୍ୟରେ ଏନ୍‌ଏସ୍‌ଓର ଉପ ମହାନିର୍ଦ୍ଦେଶକ ଅନୁପମ ଲାହିରୀଙ୍କ ସଂଯୋଜନାରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଏମଓଏସପିଆଇ ସଚିବ ଡ.ସୌରଭ ଗର୍ଗ ଅଧିବେଶନରେ ଅଧକ୍ଷତା କରିଥିଲେ। ସେ କ୍ଷେତ୍ର ଅଧିକାରୀମାନଙ୍କୁ ମନ୍ତ୍ରଣାଳୟ ଦ୍ୱାରା ବ୍ୟବହୃତ ଧାରଣା, ସର୍ବେକ୍ଷଣ ପଦ୍ଧତି ଏବଂ ଅନ୍ୟାନ୍ୟ ବିଷୟରେ ନିଜକୁ ଅପଡେଟ ରଖିବାକୁ ପରାମର୍ଶ ଦେଇଥିଲେ। କ୍ଷେତ୍ର ଅଧିକାରୀଙ୍କ ଦକ୍ଷତା ବିକାଶ ପାଇଁ ଏହି ପ୍ରକାର ମଡ୍ୟୁଲ ପାଠ୍ୟକ୍ରମ ଆୟୋଜନ କରିବାର ଗୁରୁତ୍ୱ ବିଷୟରେ ମଧ ସେ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ଏହି ଅଧିବେଶନରେ ନୂଆଦିଲ୍ଲୀର ଏନଏସଓର ଅତିରିକ୍ତ ମହାନିର୍ଦ୍ଦେଶିକା ସୁନିତା ଭାସ୍କର, ଭୁବନେଶ୍ୱର ଏନଏସଓର ଉପ ମହାନିର୍ଦ୍ଦେଶକ ଅନୁପମ ଲାହିରୀ, ଓଡ଼ିଶା ସରକାରଙ୍କ ଡିଇଏସର ଉପନିର୍ଦ୍ଦେଶକ ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୌମେନ୍ଦ୍ର କୁମାର ନାୟକ ଏବଂ ପ୍ରକାଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପୂର୍ବରୁ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ (ଏନଏସଏସଓ) ନାମରେ ପରିଚିତ ଥିଲା। ଏହାର ପ୍ରତିଷ୍ଠା ପର ଠାରୁ ଦେଶବ୍ୟାପୀ ନମୁନା ସର୍ବେକ୍ଷଣ ମାଧ୍ୟମରେ ବିଭିନ୍ନ ସାମାଜିକ-ଅର୍ଥନୈତିକ ମାନଦଣ୍ଡ ଉପରେ ଏକ ଦୃଢ଼ ଡାଟାବେସ ବିକଶିତ କରିବାରେ ସହାୟକ ହୋଇଛି। ଯାହା ବିକାଶ ଯୋଜନା ଏବଂ ନୀତି ପ୍ରସ୍ତୁତିରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିଛି। ଉନ୍ନତ ଜ୍ଞାନକୌଶଳ ସହିତ ଗତିଶୀଳ ପଦ୍ଧତି ମାଧ୍ୟମରେ ବିଭିନ୍ନ ସର୍ବେକ୍ଷଣ କରାଯାଇଥାଏ। ପ୍ରାୟ ସମସ୍ତ ଘରୋଇ ସର୍ବେକ୍ଷଣ ଏବଂ କିଛି ଉଦ୍ୟୋଗ ସର୍ବେକ୍ଷଣ ପର୍ସନାଲ ଇଣ୍ଟରଭ୍ୟୁ ପଦ୍ଧତି ମାଧ୍ୟମରେ କରାଯାଇଥାଏ। ବର୍ତ୍ତମାନ ଏହି ତଥ୍ୟକୁ କାଗଜ ସହାୟକ ପର୍ସନାଲ ଇଣ୍ଟରଭ୍ୟୁ ପରିବର୍ତ୍ତେ କମ୍ପ୍ୟୁଟର ଆସିଷ୍ଟାଡ ପର୍ସନାଲ ଇଣ୍ଟରଭ୍ୟୁ ମାଧ୍ୟମରେ ଡିଜିଟାଲି ସୁସଜ୍ଜିତ ଏବଂ ତାଲିମପ୍ରାପ୍ତ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସଂଗ୍ରହ କରାଯାଉଛି। ତଥ୍ୟ ସଂଗ୍ରହ କ୍ଷେତ୍ରରେ ଆଗାମୀ ବିଭିନ୍ନ ଆହ୍ୱାନକୁ ଦୃଷ୍ଟିରେ ରଖି ବିଭାଗ ଏହାର ଅଧିକାରୀମାନଙ୍କ ପ୍ରତି କର୍ତ୍ତବ୍ୟକୁ ସୁଦୃଢ଼ ଓ ଅଧିକ ସଶକ୍ତ ତଥା କ୍ରିୟାଶୀଳ କରିବା ସହ ଚାପମୁକ୍ତ ଜୀବନ ଯାପନ କରିବାକୁ ଯୋଜନା କରିଛି।

### ପୂର୍ବତନ କୃଷି ବିଭାଗ ଯନ୍ତ୍ରୀଙ୍କ ପରଲୋକ

ବୋଲଗଡ଼,୨୨।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମ ଛତିପଦାର ପୂର୍ବତନ କୃଷି ବିଭାଗ ଯନ୍ତ୍ରୀ ଗୋଲଖି ବିହାରୀ ସୁନ୍ଦରାୟଙ୍କ ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଅବସର ପରେ ଗ୍ରାମ ତଥା ଆଖପାଖରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ନିଜକୁ ଲିପ୍ତ ରଖି ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଭାସ୍କର ମୁଖାଗ୍ନି ଦେଇଥିଲେ। ପାଞ୍ଚଗଡ ରତ୍ନ କାଳି ଚରଣ ଜୟସିଂହ, କେପିଏଏନ କଲେଜ ପ୍ରତିଷ୍ଠାତା ସମ୍ପାଦିକା କୁମୁଦିନୀ ଜୟସିଂହ, କୃଷ୍ଣଚନ୍ଦ୍ର ଜୟସିଂହଙ୍କ ସମେତ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଗୁଳି ଚଳାଇ ଗୋରୁ ବୋଝେଇ ଗାଡ଼ି ଅଟକାଇଲା ପୋଲିସ

କଳାପଥର,୨୨।୧୧(ଗଙ୍ଗାଧର ସାହୁ)

ବୈଦେଶ୍ୱର ଥାନା ପୋଲିସ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏଥିସହ ପିକଅପରୁ ୨୬ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ସେଥିରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ଗୋରୁ ଭର୍ତ୍ତି ଏକ ପିକଅପ ଭ୍ୟାନ କଳାପଥର ପଟୁ ଟି ବ୍ରିଜ ଦେଇ ତିଗିରିଆ ଅଭିମୁଖେ ଯାଉଥିଲା। ଗୋଚାଲାଣ ହେଉଥିବା ଖବରପାଇ ବୈଦେଶ୍ୱର ଥାନା ଅଧିକାରୀ ପ୍ରିୟରଞ୍ଜନ ସେଠୀ ସଦଳବଳେ ଗୁରୁବାର ଭୋରୁ ଗୋରୁ ବୋଝେଇ ଗାଡିକୁ ପିଛା କରିଥିଲେ। ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଗୋରୁ ବୋଝେଇ ଗାଡ଼ିକୁ ସୁରକ୍ଷା ଦେବା ପାଇଁ ଆସୁଥିବା ୬ଟି ବାଇକରେ ୧୨ଜଣ ଓ ଦୁଇଟି କାରରେ ଥିବା ଦୁର୍ବୃତ୍ତମାନେ ପୋଲିସକୁ ଆକ୍ରମଣ କରି ଫେରାର ହୋଇଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସୁରକ୍ଷା ପାଇଁ ଗୁଳି ଚାଳନା କରିଥିଲା। ଗୁଳି ପିକଅପ୍ ଭ୍ୟାନର ସମ୍ମୁଖ କାଚରେ ବାଜି ପଛ ସିଟିରେ ମାଡ଼ ହେବାରୁ ଏସ୍କର୍ଟରେ ଥିବା ଦୁର୍ବୃତ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଗାଡି ଅଟକାଇ ଥାନାକୁ ଆଣିଥିଲା। ପିକ୍‌ଅପରୁ ୨୬ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଗୋଟିଏ ଗୋରୁ ମୃତ ଥିବା ଜଣାପଡ଼ିଥିଲା। ଡ୍ରାଇଭର କୁସୁପଲ୍ଲା ଗ୍ରାମର ସଫିକ ଉଦ୍ଦିନ ଏବଂ ହେଲ୍ପର୍ ସିକୋ ଅଞ୍ଚଳର ଅଫତର୍ ଖାନଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟ ଏକ ଗୋରୁ ବୋଝେଇ ଗାଡି ଗୁଳିମାଡ଼ ଶୁଣି ଘଟଣାସ୍ଥଳରୁ ପଳାଇ ଯାଇଥିବା ଜଣାପଡ଼ିଛି। ଏହି ଚାଲଣ ପଛରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତ ରହିଛି ତାହାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

# ୨୫ରୁ ସଂସ୍କୃତ ନାଟ୍ୟ ମହୋତ୍ସବ 'ଦଶରୂପକମ୍'

ଭୁବନେଶ୍ୱର,୨୧।୧୧
(ସୌମ୍ୟରଞ୍ଜନ ରାଉତ)

'ଦ କ୍ୟାଟ୍' ପକ୍ଷରୁ ରାଜ୍ୟରେ ପ୍ରଥମଥର ପାଇଁ ତିନିଦିନିଆ ସଂସ୍କୃତ ନାଟ୍ୟ ମହୋତ୍ସବ 'ଦଶରୂପକମ' ଅନୁଷ୍ଠିତ ହେବ। ଆସନ୍ତା ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପରେ ସଂସ୍କୃତ ନାଟକ ପରିବେଷଣ କରାଯିବା ସହ ସାଧାରଣ ଜନତାଙ୍କ ମଧ୍ୟରେ ସଂସ୍କୃତ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ଆଲୋଚନା କରାଯିବ। ଏନେଇ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ରାଜ୍ୟ ଓ ବାହାରୁ ଆସିଥିବା ନାଟ୍ୟ ଗୋଷ୍ଠୀ ଦ୍ୱାରା ୪ଟି ସଂସ୍କୃତ ନାଟକ ପରିବେଷଣ ହେବ। ଏହାର ସଂଳାପ ସମ୍ପୂର୍ଣ ସଂସ୍କୃତରେ ହେବା ସହ ସମାଜ ପାଇଁ ବିଶେଷ ବାର୍ତ୍ତା ପ୍ରଦାନ କରିବ। ଏଥିମଧ୍ୟରେ କବି ଭାଶଙ୍କ ରଚିତ 'କର୍ଣ୍ଣ ଭରମ୍', ପଣ୍ଡିତ ଗୋବିନ୍ଦ ମିଶ୍ରଙ୍କ ରଚିତ 'ଜାତି ଜୀବନମ୍' ଭଳି ପ୍ରସିଦ୍ଧ ନାଟକ ରହିଛି। ମହୋତ୍ସବର ମୁଖ୍ୟ ଆକର୍ଷଣ ହେଉଛି ସଂସ୍କୃତ ନାଟ୍ୟ ପାଇଁ ଉତ୍ସାହ ଦେଖାଇ ନାଟ୍ୟ ପ୍ରସ୍ତୁତ କରିଥିବା ବ୍ୟକ୍ତିତ୍ୱଙ୍କୁ 'ସୂତ୍ରଧାର ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିସହ ମହୋତ୍ସବରେ ଗଣମାଧ୍ୟମର ପ୍ରତିଧିମାନଙ୍କୁ 'ସଂସ୍କୃତ ସାରଥି' ସମ୍ମାନରେ ସମ୍ମାନିତ କରାଯିବ। ସମ୍ମିଳନୀରେ ଅନୁଷ୍ଠାନ ଓଡ଼ିଶାର ଉପଦେଷ୍ଟା ଉମାଶଙ୍କର ମିଶ୍ର, ରତିକାନ୍ତ ପାଢ଼ୀ, ଭାବଗ୍ରାହୀ ଶାନ୍ତି, ସମ୍ପାଦକ ଚିତ୍ତରଞ୍ଜନ ଶତପଥୀ, ସଭ୍ୟ ପ୍ରତୀକ୍ଷା, କୋଷାଧ୍ୟକ୍ଷ ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଟାଙ୍ଗୀ ବନାଞ୍ଚଳରେ ୪୧ ଟିକିଆ ହାତୀପଲ

**ଚିନ୍ତାରେ ଚାଷୀ**

ନିରାକାରପୁର,୨୨।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ଏହି ବନାଞ୍ଚଳ ଅନ୍ତର୍ଗତ ଜଗନ୍ନାଥପୁରରେ ୧୮ଟି, ଟାଙ୍କୋଳରେ ୨୧ ଏବଂ ଓଳସିଂରେ ୨ଟି ହାତୀ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜଙ୍ଗଲରେ ହାତୀପଲ ରହୁଥିବା ବେଳେ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରିକି ଲୋକଙ୍କ ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ସନ୍ଧ୍ୟା ହେଲେ ଗାଁ ରାସ୍ତା ଏକପ୍ରକାର ଶୂନଶାନ ପାଲଟି ଯାଉଛି। ହାତୀପଲ କ୍ଷେତରେ ପଶି ଧାନ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଚାଷୀମାନେ ରାତି ଉଜାଗର ରହି କ୍ଷେତରେ ଜଗି ରହୁଥିବା ଦେଖିବାକୁ ମିଳିଛି। ହାତୀ ଘଉଡାଇବା ପାଇଁ ବନ ବିଭାଗ ପକ୍ଷରୁ ବିଭାଗୀୟ କର୍ମଚାରୀଙ୍କ ସହିତ ଗଜସାଥିଙ୍କୁ ନେଇ ୩ରୁ ଉର୍ଦ୍ଧ୍ୱ ଟିମ ଗଠନ କରାଯାଇଛି ବୋଲି ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ଏପରିକି ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରାଯାଉଛି। ଅନ୍ୟପଟେ ଏ ସମ୍ପର୍କରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି, ବନବିଭାଗ ପକ୍ଷରୁ ହାତୀପଲଙ୍କୁ ଘଉଡ଼ାଇବା କାର୍ଯ୍ୟ ଚାରି ରହିଛି। ଯେଉଁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି ସେମାନେ ସହାୟତା ପାଇଁ ଆବେଦନ କରିପାରିବେ। ତଦନ୍ତ ପରେ ନିୟମ ଅନୁସାରେ ବିଭାଗ ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୧।୨୦୨୪

| | |
|---|---|
| ୩,୮୪,୭୮୮ ଟଙ୍କା | |
| ସୁନା | ୯.୧୦୦ ଗ୍ରାମ୍ |
| ରୁପା | ୭.୩୫୦ ଗ୍ରାମ୍ |

# ‘ସମନ୍ୱିତ ଚାଷ ପ୍ରତି ଆଗ୍ରହ ବୃଦ୍ଧି ଏକ ଶୁଭ ଲକ୍ଷଣ’

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ଶରଧାବାଲିଠାରେ ଚାଲିଥିବା ୨ଦିନିଆ ଜିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା ଯୋଗଦେଇ କହିଥିଲେ, ଏହି ମେଳା ମତ୍ସ୍ୟ ଓ ପ୍ରାଣୀସମ୍ପଦରେ ରୁଚି ରଖୁଥିବା ଚାଷୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ପୂର୍ବାପେକ୍ଷା ବର୍ତ୍ତମାନ କୃଷିରେ ବୈଷୟିକ ଜ୍ଞାନ, କୌଶଳ ଓ ଆଧୁନିକ ପ୍ରକ୍ରିୟାର ପ୍ରୟୋଗ ଅଧିକ ହେଉଛି। ଏକ ସମୟରେ ଗୋଟିଏ ସ୍ଥାନରେ ଏକାଧିକ ଚାଷ ବା ଇଣ୍ଟିଗ୍ରେଟେଡ୍ ଫାର୍ମି ପାଇଁ ଏବେ ସମସ୍ତେ ଆଗ୍ରହୀ। ଏହା ସେମାନଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବା ସହ ପରିଚୟ ଦେଉଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ ଯୋଗଦେଇ ବର୍ତ୍ତମାନ ଚାଷୀଙ୍କ ପାରମ୍ପରିକ ଚାଷ ପ୍ରଣାଳୀରେ ପରିବର୍ତ୍ତନ ସହ ସମନ୍ୱିତ ଚାଷ ପ୍ରତି ଆଗ୍ରହ ବୃଦ୍ଧି ଏକ ଶୁଭ ଲକ୍ଷଣ। ତାହାର ବିକାଶ ପାଇଁ ଏହି ମେଳା ସହାୟକ ହେବ ବୋଲି ସେ ମତ ଦେଇଥିଲେ। ପରେ ମତ୍ସ୍ୟ ପୋଖରୀ ପାଇଁ ଚାଷୀ ମୋନାଲିସା ଶତପଥୀ, ବାୟୋଫ୍ଲକ୍ ମାଧମରେ ଚାଷ କରୁଥିବା ଆରତି ପଣ୍ଡା, ପ୍ରାଣୀ ସମ୍ପଦ ପକ୍ଷରୁ ଡେଏରୀ ଫାର୍ମ କରିଥିବା ଅସ୍ତରଙ୍ଗର ମିଥୁନ ସେନାପତି ଏବଂ ଗୋପ ବ୍ଲକର ଘୁଷୁରି ଚାଷ କରୁଥିବା ଝୁନା ବେହେରାଙ୍କୁ ସଫଳ ଚାଷୀ ଭାବେ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶରତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ୯.୮୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

କୋଣାର୍କ,୨୨।୧୧(ଜ୍ୟୋତିରାଜ ମହାନ୍ତି)

ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶରେ କୋଣାର୍କ ଅବକାରୀ ଥାନାଧିକାରୀ ମନୋଜ କୁମାରଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ୯୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କୋଣାର୍କ ଅଞ୍ଚଳର ଉଦୟ ନାଥ ବେହେରା। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ପ୍ରାୟ ୯ଲକ୍ଷ ୮୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। କୋଣାର୍କ ଅବକାରୀ ଥାନା କେସ୍ ନଂ. ୭୮/୨୪ରେ ଏକ ମାମଲା ରୁଜୁ କରାଯାଇ ଉଦୟନାଥଙ୍କୁ ନିମାପଡ଼ା କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ କର୍ମଚାରୀ ସବିତା ସାହୁ, ଏସ୍ ଜନ୍ମେଜୟ, ସେକ୍ ୱାରିସ ଓ ଶରତ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ମହାପ୍ରଭୁଙ୍କ ଦର୍ଶନକଲେ ରାଜ୍ୟପାଳ



ରାଜ୍ୟପାଳ ରଘୁବର ଦାସ ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି ।

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟପାଳ ରଘୁବର ଦାସ ଶୁକ୍ରବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପୂର୍ବାହ୍ନରେ ରାଜ୍ୟପାଳ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଦାସ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ମା’ ମହାଲକ୍ଷ୍ମୀଙ୍କ ମନ୍ଦିର ସମେତ ବିମଳା, ବଟଗଣେଶ ଓ ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିସାରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ରାଜ୍ୟପାଳଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ସହ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ କହିଥିଲେ, ମହାପ୍ରଭୁଙ୍କ ଦର୍ଶନକରି ବେଶ୍ ଆନନ୍ଦ ଲାଗୁଛି। ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି, ଖୁସି ସହ ରାଜ୍ୟର ସମୃଦ୍ଧି ପାଇଁ ପ୍ରାର୍ଥନା କରିଛି ବୋଲି ସେ ପ୍ରକାଶ କରିଛନ୍ତି। ପରେ ସେ ପୁରୀ ବେଳାଭୂମି ଯାଇ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ।

## ସଂକ୍ଷେପରେ

### ଶ୍ରୀକୃଷ୍ଣ-ଉଦ୍ଧବ ସମ୍ପର୍କ ଆମର ଧେୟ ହେଉ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ଘରେ ଘରେ ଭାଗବତ କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣ-ଉଦ୍ଧବ ସମ୍ବାଦ ଉପାଖ୍ୟାନ ପ୍ରତିଟି ମଣିଷର ଧେୟ ହେଉ ବୋଲି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର କହିଛନ୍ତି। ପୁରୀ ବ୍ଲକ୍ ରୋଡରେ ‘ଘରେ ଘରେ ଭାଗବତ କାର୍ଯ୍ୟକ୍ରମ’ରେ ବ୍ୟାସ ଭାବେ ଯୋଗଦେଇ ମିଶ୍ର ସାଂପ୍ରତିକ ସ୍ଥିତିରେ ଆଧ୍ୟାତ୍ମିକ ଜନଜାଗରଣ ଏକ ଆବଶ୍ୟକତା ବୋଲି କହିଛନ୍ତି। ପ୍ରବଚିକା ନିର୍ମଳା ଫତେସିଂହଙ୍କ ପ୍ରବଚନ ପରେ ଏହି କାର୍ଯ୍ୟକ୍ରମରେ ସମୂହ ଆଳତି ଓ କୀର୍ତ୍ତନ ପରିବେଷଣ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଝିମିଲି ପଟ୍ଟନାୟକ, କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଓ କବିତା ରଥ, ସମ୍ପାଦିକା ସୁନନ୍ଦା ପଟ୍ଟନାୟକ, ରାଜଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ମାସରେ ଏହା ଗାଁ ଗାଁ ରେ ଭାଗବତ ଭାବେ ଗ୍ରାମାଞ୍ଚଳରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।

### ଶିଶୁ କନ୍ୟା ଦିବସରେ ବିଭିନ୍ନ ପ୍ରତିଯୋଗିତା

ପିପିଲି,୨୨।୧୧(ଦୁର୍ଗାମାଧବ ମିଶ୍ର)

ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପୁରୀ ଜିଲା ସମଗ୍ର ଶିକ୍ଷା ଅଭିଯାନ ତରଫରୁ ଏଲ୍ଆଇସି କଲୋନୀ ୟୁଜିୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ମାନବିକ ଅଧିକାର କର୍ମୀ ଡ. ରାଧେଶ୍ୟାମ ରଥ ଏବଂ ମାନବିକ ଅଧିକାର ଜିଲା ସଂଯୋଜକ ପ୍ରାନ୍ତସ୍ୱିନୀ ଜେନା, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଶୁଭ ନାରାୟଣ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କୌତୁକ ପୋଷାକ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା କରାଯାଇଥିଲା। ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସଂଯୋଜକ ମମତା ବେହେରା, ବରଦା ପ୍ରଶନ୍ନ ରାଉତରାୟ, କମଳାକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦିବ୍ୟରଞ୍ଜନ ଦାସ, ଦିପ୍ତୀ ରଞ୍ଜନ ସାହୁ, ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ରଶ୍ମିରେଖା ସାମନ୍ତରାୟ ପ୍ରତିଯୋଗିତା ସଂଯୋଜନା କରିଥିଲେ। ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ପ୍ରୀତି ପାତ୍ର, ଇତିଶ୍ରୀ ହୋତା, କବିତା ସୁନ୍ଦରାୟ ଓ ମାର୍କଣ୍ଡ ଖୁଣ୍ଟିଆ ସମସ୍ତ ସହଯୋଗ କରିଥିଲେ।

## ସମାଜର ଦର୍ପଣ, ଜୀବନର ପ୍ରତିବିମ୍ବ ହିଁ ଓଡ଼ିଆ ଭାଷା ସାହିତ୍ୟ




ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୨୨।୧୧(ବିଚିତ୍ରାନନ୍ଦ ସାହୁ)

ସମାଜର ଦର୍ପଣ, ଜୀବନର ପ୍ରତିବିମ୍ବ ହେଉଛି ଓଡ଼ିଆ ଭାଷା ଓ ସାହିତ୍ୟ। ଓଡ଼ିଆ ଭାଷା ସାହିତ୍ୟ ହିଁ ହୃଦୟର ପରିପ୍ରକାଶ, ଓଡ଼ିଆ ଅସ୍ମିତା ଓଡ଼ିଶାର ପରିଚୟ ବୋଲି ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏକ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇଛନ୍ତି ବୋଲି ଅତିଥିମାନେ କହିଛନ୍ତି। ଏହି ସମାରୋହରେ ଅତିଥି ଭାବେ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ଅଧ୍ୟାପକ ଚନ୍ଦ୍ରମଣୀ ସାହୁ, ସ୍ନାତକୋତ୍ତର ବିଭାଗର ସହସଂଯୋଜକ ବରିଷ୍ଠ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଅଜୟ କୁମାର ବେହେରା, ଅଧ୍ୟାପକ ଡ. ପ୍ରଭାତ ପାଢ଼ୀ, ଅଧ୍ୟାପିକା ଡ. ସୁଲଗ୍ନା ପଟ୍ଟନାୟକ, ଅଧ୍ୟାପକ ଡ. ଅରୁଣ କମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ବିଭାଗର ପ୍ରଥମ ବାର୍ଷିକ ନବାଗତ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଓଡ଼ିଆ ବିଭାଗ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜୁଆ ଖେଳି ୬ ଗିରଫ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ଜୁଆ ଖେଳିବା ଅଭିଯୋଗରେ ଟାଉନଥାନା ପୋଲିସ ୬ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବାସ ଦଳେଇ, ସତ୍ୟନାରାୟଣ ରାଉଳ, ଚନ୍ଦନ ଭୋଇ, ରାମଚନ୍ଦ୍ର ପଣ୍ଡା, ସୂର୍ଯ୍ୟ ନାରାୟଣ ସାହୁ ଏବଂ ଅମର ଜ୍ୟୋତି ପୃଷ୍ଟି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରେ ନଗଦ ୧ ଲକ୍ଷ ୫ ଶହ ୫୦ ଟଙ୍କା, ୪ ସେଟ୍ କାର୍ଡ ଓ ଗୋଟିଏ ଜରିପାଲ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୪୯୬/୨୪) ରୁଜୁ କରିଛି। ଅଭିଯୁକ୍ତମାନେ ବାଣୁଆ ସାହି ପତିତପାବନ ଲେନ୍ ଠାରେ ଜୁଆ ଖେଳୁଥିବା ଖବର ପାଇ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ଓଡ଼ିଶା ହ୍ୟାଣ୍ଡକ୍ରାଫ୍ଟ ଆୱାଡି ଆସୋସିଏଶନ୍ ପକ୍ଷରୁ ଦୀପଦାନ

ପୁରୀ, ୨୨।୧୧(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ହାଣ୍ଡକ୍ରାପ୍ଟ ଆୱାଡି ଆସୋସିଏଶନ୍ ପକ୍ଷରୁ ରାଜ୍ୟର ସମସ୍ତ ହସ୍ତଶିଳ୍ପ କାରିଗରଙ୍କ ଉନ୍ନତି କାମନା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଇଛି। ଆସୋସିଏଶନ୍‌ର ସଭାପତି ତଥା ଶିଳ୍ପୀଗୁରୁ କଳ୍ପତରୁ ମହାରଣା କହିଛନ୍ତି, ରାଜ୍ୟରେ ଶିଳ୍ପୀ ଆୱାଡି ତଥା ଅନ୍ୟ କଳାକାରମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଯେଉଁ ସବୁ ସହାୟତା ଓ ସୁବିଧା ମିଳିବା କଥା, ତାହା ମିଳୁନାହିଁ। କାରିଗରଙ୍କ ସମସ୍ୟା ଓ ଦାବି ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଦୀପଦାନ କାର୍ଯ୍ୟକ୍ରମରେ ଉପଦେଷ୍ଟା ପଦ୍ମଶ୍ରୀ ପ୍ରଭାକର ମହାରଣା, ସାଧାରଣ ସମ୍ପାଦକ ଗୋଲକ ପାତ୍ର, ଉପସଭାପତି ମହେଶ୍ୱର ଓଝା, କୋଷାଧ୍ୟକ୍ଷ ଇନ୍ଦ୍ରମଣି ମହାରଣା, କାର୍ଯ୍ୟକାରୀ ସଭାପତି ଭାଗ୍ୟଧର ମହାରଣା, ସହସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି, ବ୍ରହ୍ମାନନ୍ଦ ମହାରଣା, ସାଙ୍ଗଠନିକ ସମ୍ପାଦକ ବିଷ୍ଣୁଚରଣ ଖୁଣ୍ଟିଆ ଏବଂ ସହସାଙ୍ଗଠନିକ ସମ୍ପାଦକ ରାଜେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀରେ ଡ୍ରୋନ୍ ଉଡ଼ାଇବା ମନା

ପୁରୀ, ୨୨।୧୧(ଅଜିତ୍ କୁମାର ମହାନ୍ତି)

**ନଭେମ୍ବର ୨୮ରୁ ଡିସେମ୍ବର ୪ ଯାଏ କଟକଣା**

- ପୁରୀରେ ପାଳନ ହେବ ନୌସେନା ଦିବସ, ଯୋଗଦେବେ ରାଷ୍ଟ୍ରପତି
- ଏୟାର ଶୋ’ ସମେତ ବିବିଧ କଳା କୌଶଳ ପ୍ରଦର୍ଶନ କରାଯିବ

ଆସନ୍ତା ଡିସେମ୍ବର ୪ରେ ପୁରୀ ରାଜଭବନ ନିକଟସ୍ଥ ବ୍ଲୁ ଫ୍ଲାଗ୍ ବିଚ୍‌ଠାରେ ନୌସେନା ଦିବସ ପାଳନ କରାଯିବ। ଏଥିରେ ନୌସେନାର ବିବିଧ କାର୍ଯ୍ୟକ୍ରମ ସହ ଚିତ୍ତାକର୍ଷକ ଏୟାର ଶୋ’ ପ୍ରଦର୍ଶନ ହେବ। ଜଳଜାହାଜ ମାଧ୍ୟମରେ ଓ ଆକାଶମାର୍ଗରେ ଦୁଃସାହସିକ କୌଶଳ ପ୍ରଦର୍ଶନ କରାଯିବ। ଏୟାର ଶୋ’ ଅନୁଷ୍ଠିତ ହେଉଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ପକ୍ଷୀମାନେ ଉଡ଼ିବା ଦ୍ୱାରା ବିମାନଗୁଡ଼ିକ ପାଇଁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ। ଏ କ୍ଷେତ୍ରରେ ସାଧାରଣ ବ୍ୟକ୍ତି, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏଣୁ ପ୍ରଶାସନ ପକ୍ଷରୁ ସମସ୍ତ ଜନସାଧାରଣ ଓ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି, ଯେପରି ସେମାନେ କୌଣସି ଖାଦ୍ୟ ପଦାର୍ଥ କିମ୍ବା ବର୍ଜ୍ୟବସ୍ତୁ ସେମାନଙ୍କ ଛାତ ଉପରେ କିମ୍ବା ଗଳିକନ୍ଦିରେ ନଭେମ୍ବର ୨୮ରୁ ଏୟାର ଶୋ’ କାର୍ଯ୍ୟକ୍ରମ ଶେଷ ଅର୍ଥାତ ଡିସେମ୍ବର ୪ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପକାଇବେ ନାହିଁ। ସେହିପରି ପ୍ରଶାସନ ପକ୍ଷରୁ ନଭେମ୍ବର ୨୮ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଡ୍ରୋନ ଉଡାଇବା ଉପରେ କଟକଣା ଲାଗୁ କରାଯାଇଛି। ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମକୁ ଜନସାଧାରଣ ପେଣ୍ଟକଟାଠାରୁ ଷ୍ଟର୍ଲିଂ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଉପସ୍ଥିତ ରହି ଉପଭୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪ ତାରିଖରେ ପୁରୀ ଗସ୍ତ କରିବେ। ନେଭି ଡେ ସହ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ନେଭି ଡେ ପାଇଁ ନୌସେନା ପକ୍ଷରୁ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯିବ। ତାହାକୁ ଜନସାଧାରଣ ଉପଭୋଗ କରିପାରିବେ। ନେଭି ଡେ ପାଇଁ କିଛି କଟକଣା ଜାରି କରାଯାଇଛି। ସମୁଦ୍ର ମଧ୍ୟକୁ ନ ଯିବା ଭଲ ହେବ। ପର୍ଯ୍ୟାପ୍ତ ପରିମାଣର ଲାଇଫଗାର୍ଡ ମୁତୟନ ରହିବେ। ଡ୍ରୋନ ଉଡ଼ିବା ଉପରେ କଟକଣା ରହିବ। ସେହିପରି ଯେଉଁଠାରେ ଜାହାଜ ରହିବ ସେଠାରେ ମାଛଡଙ୍ଗା ଚଳାଚଳ ଉପରେ କଟକଣା ଲଗାଯିବ। କୋଷ୍ଟଗାର୍ଡ ଓ ମେରାଇନ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ଜିଲାପାଳ କହିଛନ୍ତି।

## ଅସ୍ତରଙ୍ଗ ପଞ୍ଚାୟତ ସମିତି ବୈଠକ



ବୈଠକରେ ଯୋଗ ଦେଇଥିବାଅତିଥିମାନେ ।

- ଖବରଦାତାଙ୍କୁ ବାହାର କରିଦିଆଗଲା
- ଅସନ୍ତୋଷ ଦାନା ବାନ୍ଧୁଛି, ଆନ୍ଦୋଳନ ଚେତାବନୀ

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ)୨୨।୧୧

ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ଆରତି ନାୟକ ଅଧକ୍ଷତା କରିଥିଲେ। ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଡିଓ ସସ୍ମିତା ବେହେରା, ଉପାଧକ୍ଷ ଦୁର୍ଜୟ ମିଶ୍ରଙ୍କ ସମେତ ୧୫ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ବିଭିନ୍ନ ଉନ୍ନୟନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ତେବେ ବୈଠକରୁ ଖବରଦାତାମାନଙ୍କୁ ବାହାରିଯିବା ପାଇଁ କୁହାଯାଇଥିଲା। ଏପରିକି ଏ ସମ୍ପର୍କରେ କେତେଜଣ ଖବରଦାତା ସଭାରେ ଉପସ୍ଥିତ ଥିବା ଏମ୍‌ପି ଓ ବିଧାୟକଙ୍କୁ ପଚାରିଥିଲେ ମଧ୍ୟ କୌଣସି ଉତ୍ତର ପାଇ ନ ଥିଲେ। ଏହି ଘଟଣାକୁ ନୂଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକ ବିରୋଧ କରିଥିବାବେଳେ ଅସ୍ତରଙ୍ଗ ଏବଂ କାକଟପୁର ଅଞ୍ଚଳର ଖବରଦାତାମାନେ ନିନ୍ଦା କରିଛନ୍ତି। ଅଞ୍ଚଳର କ’ଣ ବିକାଶ ହୋଇଛି, ପଞ୍ଚାୟତ ସମିତି ପାଣ୍ଠି ଉପଯୁକ୍ତ ଭାବେ ବିନିଯୋଗ ହୋଇଛି କି ନାହିଁ, ଆଗାମୀ ଦିନର ଯୋଜନା ସମ୍ପର୍କରେ ଖବରଦାତାମାନେ ତଥ୍ୟ ପାଇପାରିନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଖବରଦାତାମାନେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ସୂଚନା ମିଳିଛି। ଏହି ଘଟଣା ପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବ୍ୟାଖ୍ୟାନ କାର୍ଯ୍ୟକ୍ରମ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବେଦ ବିଭାଗ ଦ୍ୱାରା ଶୁକ୍ରବାର ଏକ ବିଶିଷ୍ଟ ବ୍ୟାଖ୍ୟାନ କାର୍ଯ୍ୟକ୍ରମ ବେଦ ବିଦ୍ୟାର ପରମ ପ୍ରତିପା ପ୍ରତିପାଦ୍ୟ ଅନୁଷ୍ଠିତ ହୋଇଥିଲା। ବାରାଣାସୀସ୍ଥିତ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ସଂସ୍କୃତ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଫେସର ରାମମୂର୍ତ୍ତି ଚତୁର୍ବେଦୀ ପ୍ରଥମ ପ୍ରତିପାଦ୍ୟ ଧର୍ମ ଓ ପରମ ପ୍ରତିପାଦ୍ୟ ବ୍ରହ୍ମ ବୋଲି ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜି.ଏସ୍.ବି. ଦତ୍ତାତ୍ରେୟ ମୂର୍ତ୍ତି ସଭାପତିତ୍ୱ କରିଥିଲେ। ବେଦ ବିଭାଗର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସ୍ୱାଗତ ଭାଷଣ ଏବଂ ଡ. ପରାମ୍ବାଶ୍ରୀ ଯୋଗମାୟା ଧନ୍ୟବାଦ ଦେଇଥିଲେ। ଡ. ରାମଚନ୍ଦ୍ର ହୋତା ପ୍ରାରମ୍ଭରେ ବେଦପାଠ କରିଥିଲେ। ଡ. ଜୟମାଣିକ୍ୟ ଶାସ୍ତ୍ରୀ, ଡ. ପ୍ରଦୀପ୍ତ ନନ୍ଦ, ଡ. ଅଜୟ କୁମାର ପାଣ୍ଡେ, ଡ. ଦେବାଶିଷ ତ୍ରିପାଠୀ, ଡ. ରାଜଶ୍ରୀ ଦାଶ, ଡ. ଶ୍ରୀନିବାସ ପଣ୍ଡା, ଡ. ଅନୁପମା ଶତପଥୀ, ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର, ଡ. ରାସମଣି ଘଡେଇ, ଡ. ଶାନ୍ତିଲତା ଅଧୁକାରୀ, ଡ. ପ୍ରକାଶ ଚନ୍ଦ୍ର ମିଶ୍ର ଏବଂ ଡ. ଡି. ରଘୁରାମ ଉପସ୍ଥିତ ଥିଲେ। ବେଦ ବିଭାଗର ଗବେଷଣାରତ ଛାତ୍ରୀ ଓ ସମସ୍ତ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ‘ଅଭାବ, ଅବହେଳା ପାଇଁ ଶୈଶବ ବନ୍ଧା ନ ପଡୁ’

## ଅନ୍ୱେଷଣର ୪ର୍ଥ ବାର୍ଷିକ ଶିଶୁ ଉତ୍ସବ

ପୁରୀ, ୨୨।୧୧(ଅଜିତ୍ କୁମାର ମହାନ୍ତି)

ଅଭାବ ଓ ଅବହେଳା ପାଇଁ ଶୈଶବ ବନ୍ଧା ନ ପଡୁ। ଶିକ୍ଷା ଶିଶୁର ମୌଳିକ ଅଧିକାର। ବସ୍ତି ପିଲାଙ୍କ ଭିତରେ ମଧ୍ୟ ଅନେକ ପ୍ରତିଭା ଓ ଦକ୍ଷତା ରହିଛି। ସେସବୁର ବିକାଶ ହେଉ। ପରିବାର ସମସ୍ୟା ବା ଅଭାବ ପାଇଁ ଶିକ୍ଷା ତଥା ଅଧିକାରରୁ କେହି ଶିଶୁ ବଞ୍ଚିତ ନ ହୁଅନ୍ତୁ। ଏହି ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ ଅନ୍ୱେଷଣର ୪ର୍ଥ ବାର୍ଷିକ ଶିଶୁ ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ସହ ପାଳିତ ହୋଇଯାଇଛି। ବୁଧବାର ସକାଳେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ପିଲାଙ୍କ ପକ୍ଷରୁ ରଙ୍ଗୋଲି କରାଯାଇଥିଲା। ପରେ ଶିଶୁ ଅଧିକାରର ସ୍ଲୋଗାନ ଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରୁ ସଂସ୍କୃତି ଭବନ ନିକଟକୁ ଶୋଭାଯାତ୍ରା ଆସିଥିଲା। ସେଠାରେ ଆୟୋଜିତ ‘ଶିଶୁ ମହୋତ୍ସବ’ରେ ପିଲାଙ୍କ କର୍ମଶାଳାରେ ପିଲାମାନେ ବିଭିନ୍ନ ଅଦରକାରୀ ବସ୍ତୁରୁ ଅନେକ ଘରସଜା ସାମଗ୍ରୀ ପ୍ରସ୍ତୁତ କରିଥିଲେ। ପଞ୍ଚଗବ୍ୟରେ ଦୀପ, ରାଖୀ, ମୂର୍ତ୍ତି ଏବଂ ଅନେକ ଘରସଜା ଜିନିଷ ତିଆରି କରି ସେମାନଙ୍କ ଦକ୍ଷତା ଦେଖାଇବା ସହ ସମାଜକୁ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ସେହିପରି ଅପରାହ୍ନରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଅଜିତ୍ ମହାପାତ୍ର, ଡିସିପିଓ ମନୋଜ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସଂଯୋଗ ସମ୍ପାଦିକା ରିନି ମହାନ୍ତି, ପୁରୀ ରୋଟାରି କ୍ଲବ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ର, ସମାଜସେବୀ ମନୋଜ ରଥ ଏବଂ ରୋଟାରି କ୍ଲବ ଶ୍ରୀଜଗନ୍ନାଥ ଧାମର ସଭାପତି କୈଳାଶ ଚନ୍ଦ୍ର ବେହେରା, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶିବ ସୁନ୍ଦର ମିଶ୍ର ସଭା ସଂଯୋଜନା ଏବଂ ସନ୍ତୋଷ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ଜଣେ କୁନି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।



ବାଲିଯାତ୍ରା ପଡ଼ିଆ ଓର୍ମାସ୍ ଷ୍ଟଲ୍‌ରେ ବିକ୍ରି ହେଉଥିବା କାଠଟିଆରି ସାମଗ୍ରୀ।



ଶୁକ୍ରବାର ରାତିରେ ବାଲିଯାତ୍ରା ପଡ଼ିଆରେ ଲୋକଙ୍କ ଗହଳି।

# ହାଏରେ ମୋର ରାନୀ ଗୁରି...

## ମଣ୍ଟୁ ଛୁରିଆଙ୍କ ଗୀତରେ ଦର୍ଶକ ମତୁଆଲା





କଟକ, ୨୨।୧୧(ଶିଲ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରାର ଶୁକ୍ରବାର ଅଷ୍ଟମ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଓଲିଉଡ୍ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ। ଲାଲ୍ ଟହ ଟହ ଗୀତରୁ ମଣ୍ଟୁ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ପରେ ହାଏ ରେ ମୋର ରାନୀ ଗୁରି, ମୁଲମୁଲ ହସି ଦେଖି କରି ସୁନା, ଇ ନନି ଦିୱାନା ମୋତେ ବନେଇ ଦେଲା, ବଡ଼ ଲୋକର ବେଟି ଲୋ, ସେଲ୍ଫି ବେବୋ, କ୍ୟୁଟ ଗେଲ୍ଲୀ, ସହରୀ ଝିଅ ତୁଇ ଲୋ, ତୋ ପ୍ରେମରେ ନାଗୀନ ଡ୍ୟାନ୍ସ ନଚେଇ ଦେଲୁ, ଦେଶୀ ପିଲା, ଜିଗର ୱାଲା ଭଳି ଅନେକ ମନଛୁଆଁ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଏଥିସହ ବାଲି ଇଣ୍ଡୋନେସିଆର ସାଂସ୍କୃତିକ ଗ୍ରୁପ ପକ୍ଷରୁ ପାରମ୍ପରିକ ନୃତ୍ୟ ପରିବେଷିତ ହୋଇଥିଲା। ପରେ ପୁରୀର ନୀଳାଦ୍ରି ଗୋଟିପୁଅ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ, ଜଗତ୍‌ସିଂହପୁର ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ, କଟକ ନୃତ୍ୟଉତ୍ସବ କମିଟି ପକ୍ଷରୁ ଲୋକନୃତ୍ୟ, ପାୟଲ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଆଦି ପରିବେଷିତ ହୋଇଥିଲା।

ସେହିପରି ବାଲିଯାତ୍ରା ପଡିଆ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଟକର ମ୍ୟୁଜିକ ୱାର୍ଡ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିସହ ଭୁବନେଶ୍ୱରର ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟ ପକ୍ଷରୁ ପଞ୍ଚ ପରମେଶ୍ୱର ନୃତ୍ୟ, ଶ୍ରୀରାମ ନାଟ୍ୟ ସଂସଦ ପକ୍ଷରୁ ଲୋକନୃତ୍ୟ, ମା' ବିନାକେଶରୀ ନୃତ୍ୟ ମଞ୍ଜରୀ ପକ୍ଷରୁ ପଲ୍ଲୀନୃତ୍ୟ, ଢେଙ୍କାନାଳ ମୀରାବାଈ କଳା ବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ, ମାହାଙ୍ଗାର ଗଣକବି ବୈଷ୍ଣବ ପାଣି କ୍ଲବ ପକ୍ଷରୁ ଗୀତିନାଟ୍ୟ, ପୁରୀ ଅନନ୍ୟା କଳା ପରିଷଦ ପକ୍ଷରୁ ମରାଠୀ ନୃତ୍ୟ, ନୃତ୍ୟ ମୟୂରୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱର ନୃତ୍ୟାୟନ ପକ୍ଷରୁ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଏହି ନୃତ୍ୟ ଓ ସଙ୍ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

## ବାଲିଯାତ୍ରାର ଅଷ୍ଟମ ଦିନ

ଐତିହାସିକ ବାଲିଯାତ୍ରାର ଶୁକ୍ରବାର ଅଷ୍ଟମ ଦିନ ଦୃଶ୍ୟ ଟିକେ ଅଲଗା ଥିଲା। ଦିନରୁ ରାତି ପର୍ଯ୍ୟନ୍ତ ବାଲିଯାତ୍ରାର ତଳ ଓ ଉପର ପଡିଆରେ ବେଶ୍ ଜନ ସମାଗମ ହୋଇଥିଲା। ବାଲିଯାତ୍ରାକୁ ସଂଯୋଗ କରୁଥିବା ସବୁ ରାସ୍ତାରେ ଗାଡ଼ି ଲାଇନ୍ ଲାଗିଥିଲା। ଏପରି କି ପାର୍କିଂ ଷ୍ଟାଣ୍ଡଗୁଡିକ ମଧ ଗାଡ଼ିରେ ଭର୍ତ୍ତି ହୋଇଯାଇଥିଲା। ପ୍ରଥମାଷ୍ଟମୀ ପାଇଁ ଲୋକମାନେ ବିଭିନ୍ନ ଷ୍ଟଲରୁ କିଣାକିଣା କରିଥିଲେ। ଆମିଷ ବାର ଥିବାରୁ ଲୋକମାନେ ଆମିଷ ଖାଦ୍ୟ ଖାଇବା ସହ କିଣାକିଣି କରି ଘରକୁ ଫେରିଥିଲେ।



## ଅଦରକାରୀ ଜିନିଷରେ ପ୍ରସ୍ତୁତ ଟ୍ରାଇବାଲ ଆର୍ଟ

ବାଲିଯାତ୍ରା ଷ୍ଟଲରେ ବିକ୍ରି ହେଉଛି ଟ୍ରାଇବାଲ ଆର୍ଟ। ଅଦରକାରୀ ସାମଗ୍ରୀରେ ଏହାକୁ ପ୍ରସ୍ତୁତ କରାଯାଇଛି। ବିଶେଷକରି କାଗଜକୁ ଓଦା କରି ଅଠା ସାହାଯ୍ୟରେ ଏହି ପେଣ୍ଟିଂ ତିଆରି କରାଯାଇଛି। ପରେ ସେଥିରେ ରଙ୍ଗ ଦିଆଯାଇଛି। ଏହି ଆର୍ଟ ମଧରେ ୱାଲ୍ ହ୍ୟାଙ୍ଗିଂ, ଫଟୋ ଫ୍ରେମ୍, ପେନ୍‌ଷ୍ଟାଣ୍ଡ, ଫ୍ଲାୱାର ଭାସ ଆଦି ସାମଗ୍ରୀ ରହିଛି। ଏହାର ଦର ୩୦୦ରୁ ୩୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। କେନ୍ଦୁଝର ଅଞ୍ଚଳର ବ୍ୟବସାୟୀ ପ୍ରେମଲତା ସୂତାର ଏହି ଆର୍ଟକୁ ବିକ୍ରି କରିବା ପାଇଁ ବାଲିଯାତ୍ରାକୁ ଆସିଛନ୍ତି।

# ସରିଲା ପଥ ଉତ୍ସବ

ବାଲିଯାତ୍ରାରେ ୭ ଦିନ ଧରି ଚାଲିଥିବା ପଥୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସଙ୍ଗୀତର ଆସର ସାଙ୍ଗକୁ ଜୁମ୍ବା ନୃତ୍ୟରେ ଯୋଗାଭ୍ୟାସ ଶୀତୁଆ ସକାଳକୁ ଅଧିକ ସୁନ୍ଦର କରିଥିଲା। ମହ୍ଲାର ଅନୁଷ୍ଠାନର କଣ୍ଠଶିଳ୍ପୀଙ୍କ ଭଜନରୁ ଆରମ୍ଭ ହୋଇଥିଲା ଉଦ୍‌ଯାପନୀ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମ। ପରେ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲର ଛାତ୍ରୀଙ୍କ ଦ୍ୱାରା ଗରବା ନୃତ୍ୟ, ସାଇଶ୍ରୀ କଳାକେନ୍ଦ୍ର ଓ ଅନ୍ନପୂର୍ଣ୍ଣା କଳାକେନ୍ଦ୍ର ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ମାତୃଶକ୍ତି ନୃତ୍ୟକେନ୍ଦ୍ର ପକ୍ଷରୁ ମହାରାଷ୍ଟ୍ରର ଲୋକନୃତ୍ୟ ଲାବଣି ପରିବେଷିତ ହୋଇଥିଲା। ଏଥିସହ ଗୀତ ସାଗର ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ ଜେମ୍ସ ଓ ରୋଜାଲିନ୍‌ଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। ସୋନା ଆରୋବିକ୍ସ ପକ୍ଷରୁ ଜୁମ୍ବା ନୃତ୍ୟକୁ ଦର୍ଶକ ଅଧିକ ପସନ୍ଦ କରିଥିଲେ। ୨୦ରୁ ଅଧିକ ମହିଳାଙ୍କ ସମେତ ବିଭିନ୍ନ ଇନ୍‌ରହ୍ୱିଲ କ୍ଲବ୍‌ର ସଦସ୍ୟ ଗୀତର ତାଳେ ତାଳେ ନାଚ ମାଧ୍ୟମରେ ବ୍ୟାୟାମ କରିଥିଲେ। ଡେପୁଟି କଲେକ୍ଟର ଜ୍ୟୋତ୍ସ୍ନା ନାୟକ, ପୂର୍ବତନ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ଗୀତାଞ୍ଜଳି ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା।





## ଗ୍ରାହକଙ୍କ ପସନ୍ଦ ଲିପନ ଆର୍ଟ

ସୋନପୁର ଅଞ୍ଚଳର ରୂପାଲି ମିଶ୍ର ବାଲିଯାତ୍ରାର ଓର୍ମାସ୍‌କୁ ବିକ୍ରି ପାଇଁ ଆଣିଛନ୍ତି ଲିପନ ଆର୍ଟରେ ତିଆରି ସାମଗ୍ରୀ। କାନ୍‌ଭାସ୍ ଓ ମାଟିରେ ତିଆରି ଏହି ଆର୍ଟରେ ବିଭିନ୍ନ ରଙ୍ଗ ଦିଆଯାଇଛି। ଏଥିରେ ଫ୍ଲାୱାର ଭାସ, ଫଟୋ ଫ୍ରେମ୍, ଲଣ୍ଠନ ୱାଲ ହ୍ୟାଙ୍ଗିଂ ଭଳି ବିଭିନ୍ନ ଜିନିଷ ରହିଛି। ଏହାର ଦର ୩୦୦ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଗ୍ରାହକ ମଧ ଏହାକୁ ବେଶ୍ ପସନ୍ଦ କରୁଛନ୍ତି।

## ପିତଳରେ ତିଆରି ଆଦିବାସୀ ଅଳଙ୍କାର

ବାଲିଯାତ୍ରାରେ ବିକ୍ରି ହେଉଛି ପିତଳରେ ତିଆରି ଆଦିବାସୀ ଅଳଙ୍କାର। ଏହା ମଧ୍ୟରେ ହାର, କାନଫୁଲ, ପାଉଁଜି, ଚୁଡ଼ି ଆଦି ରହିଛି। ନାରୀମାନେ ଡ୍ରେସ୍ ଓ ଶାଢୀ ସହିତ ମ୍ୟାଚିଂ କରି ଏହାକୁ ପିନ୍ଧି ପାରିବେ। ଏହାର ଦର ୧୫୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଢେଙ୍କାନାଳର ବ୍ୟବସାୟୀ ରିତାରାଣୀ ସାହୁ ଏହି ଅଳଙ୍କାର ବିକ୍ରି କରିବା ପାଇଁ ବାଲିଯାତ୍ରାକୁ ଆସିଛନ୍ତି।










## ସଂକ୍ଷେପରେ

### ମହାପ୍ରଭୁଙ୍କ ଦର୍ଶନକଲେ ରାଜ୍ୟପାଳ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟପାଳ ରଘୁବର ଦାସ ଶୁକ୍ରବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପୂର୍ବାହ୍ନରେ ରାଜ୍ୟପାଳ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଦାସ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ସମେତ ବିମଳା, ବଟଗଣେଶ ଓ ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିସାରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ରାଜ୍ୟପାଳଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଓ ପତିତପାବନ ବାନା ସହ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ କହିଥିଲେ, ମହାପ୍ରଭୁଙ୍କ ଦର୍ଶନକରି ବେଶ୍ ଆନନ୍ଦ ଲାଗୁଛି। ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି, ଖୁସି ସହ ରାଜ୍ୟର ସମୃଦ୍ଧି ପାଇଁ ପ୍ରାର୍ଥନା କରିଛି ବୋଲି ସେ ପ୍ରକାଶ କରିଛନ୍ତି। ପରେ ସେ ପୁରୀ ବେଳାଭୂମି ଯାଇ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ।

### ଉତ୍କଳ ରଙ୍ଗମଞ୍ଚରେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ

ଭୁବନେଶ୍ୱର,୨୧।୧୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ଗବେଷଣା କେନ୍ଦ୍ର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ଉତ୍କଳ ରଙ୍ଗମଞ୍ଚ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଗୁରୁ ଏବଂ ଓଡ଼ିଶୀ ଛାତ୍ରୀଛାତ୍ରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜ୍ୟୋତିରାଣୀ ନାୟକ ଓ ସୂର୍ଯ୍ୟକାନ୍ତ ପ୍ରଧାନ ଓଡ଼ିଶୀ ନୃତ୍ୟ ବଟୁ ଏବଂ ଆରଭୀ ପଲ୍ଲବୀ ପରିବେଷଣ କରିଥିଲେ। ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଦ୍ୱାରା ସଙ୍ଗୀତ ସଂଯୋଜନା ଓ ନୃତ୍ୟାଭିନୟକୁ ଗୁରୁ ଲୀଳା ନନ୍ଦ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସମସ୍ତ ସଙ୍ଗୀତଗୁଡ଼ିକୁ ଶିଳ୍ପୀମାନେ ଖୁବ୍ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଉଭୟ ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତର ଭାବଧାରାକୁ ନେଇ ଏହି କାର୍ଯ୍ୟକ୍ରମ ପ୍ରତି ମାସର ଶେଷ ସପ୍ତାହରେ ଅନୁଷ୍ଠିତ ହୋଇଥାଏ।

### ଚୋରି କଥା ପଚାରିବାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୧୧(ସତ୍ୟଜିତ୍ ରାଉତ)

 କ୍ୟାବିନରୁ ଚୋରି ଘଟଣା ସଂକ୍ରାନ୍ତରେ ପଚାରିବାରୁ ଦୋକାନୀଙ୍କୁ ଆକ୍ରମଣ ହୋଇଛି। ଏହି ମାମଲାରେ ଧଉଳି ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର



ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ବାଳକାଟି ଗ୍ରାମର ଚନ୍ଦନ କୁମାର ବେହେରା ଓରଫ ବଣ୍ଟି (୨୭)। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହାରଡ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସ୍ଥାନୀୟ ଅଞ୍ଚଳର ଆଲୋକ କୁମାର ରାଉତରାଏ ଗତ ଅକ୍ଟୋବର ୩୧ରେ ସାଙ୍ଗ ରଶ୍ମିଙ୍କ ସହ ଧଉଳି ଓ ଉତ୍ତରା ଛକ ମଝିରେ ପୁଷ୍ପକ ହୋଟେଲ ସାମ୍ନାରେ ଥିବା ତାଙ୍କ କ୍ୟାବିନଟିକୁ ଦେଖିବାକୁ ଯାଇଥିଲେ। ତାଙ୍କ କ୍ୟାବିନକୁ ଅନ୍ୟପାର୍ଶ୍ୱକୁ ଫୋପଡା ହୋଇଥିବାବେଳେ ସେଥିରୁ ବୈଦ୍ୟୁତିକ ସରଞ୍ଜାମ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଆଲୋକ ଜାଣିବାକୁ ପାଇଥିଲେ। ଏନେଇ ଅଭିଯୁକ୍ତ ଚନ୍ଦନ ଓ ଅନ୍ୟମାନଙ୍କୁ ଆଲୋକ ପଚରାଉଚରା କରିଥିଲେ। ଫଳରେ ଚନ୍ଦନ ଉତ୍ତେଜିତ ହୋଇ ଆଲୋକଙ୍କୁ ଲୁହା ରଡରେ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଏନେଇ ଆଲୋକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୫୦/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

# ଲିଙ୍ଗରାଜ ମନ୍ଦିରରେ ବିଦେଶିନୀ, ନୀତି ବିଳମ୍ବ

ପୁରୁଣା ଭୁବନେଶ୍ୱର,୨୨।୧୧(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶୁକ୍ରବାର ଜଣେ ବିଦେଶିନୀ ପ୍ରବେଶ କରିବାରୁ ଠାକୁରଙ୍କ ସକାଳ ଧୂପ ନୀତି ବିଳମ୍ବ ହୋଇଥିଲା। ଏନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସକାଳେ ମନ୍ଦିର ପହୁଡ଼ ଖୋଲାଯାଇ ମଙ୍ଗଳ ଆଳତି, ଅବକାଶ, ସାହାଣମେଲା ଦର୍ଶନ, ରୋଷହୋମ କରାଯାଇଥିଲା। ସକାଳ ୯ଟା ୩୦ରେ ଦର୍ଶନ ବନ୍ଦ କରାଯାଇ ଛାମୁ ପରିଷ୍କାର କରାଯାଇଥିଲା। ଏହାପରେ ମହାସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ ଓ ଭୁବନେଶ୍ୱରୀ ଠାକୁରାଣୀଙ୍କ ଖଇଦହି ବଲ୍ଲଭ ସରିବା ପରେ ଜଣେ ବିଦେଶିନୀ ପୋଲିସ ଓ ମନ୍ଦିର କର୍ମଚାରୀଙ୍କୁ ଅତିକ୍ରମ କରି ମନ୍ଦିରକୁ ପ୍ରବେଶ କରି ବାଇଶ ପାହାଚ ନିକଟରେ ପହଞ୍ଚିଥିଲେ। ଏହା ଦେଖି କେତେଜଣ ସେବକ ହୋହଲ୍ଲା କରିବାରୁ କାର୍ଯ୍ୟରତ ମନ୍ଦିର କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ବାହାରକୁ ନେଇଆସିଥିଲେ। ଏହାପରେ ଠାକୁରଙ୍କ ରୋଷରେ ରୋଷ କରାଯାଇଥିବା କୋଠ ଭୋଗ ଓ ଯଜମାନୀ ଭୋଗକୁ ଅମୁଣିଆ କୂଅରେ ପକାଯାଇଥିଲା। ଏଥସହ ମନ୍ଦିରକୁ ବଡ଼ଧୋକାଳ କରାଯାଇଥିଲା। ପରେ ପୁଣି ରୋଷହୋମ କରାଯାଇ ଠାକୁରଙ୍କ ପାଇଁ ଭୋଗ ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପ ହେବା ବେଳକୁ ଅପରାହ୍ନ ୨ଟା ୪୫ ହୋଇଯାଇଥିଲା। ତେବେ ମନ୍ଦିର ପ୍ରଶାସନ ଏବଂ ସୁରକ୍ଷା ପୋଲିସଙ୍କ ଅବହେଳାରୁ ଏହି ବିଭ୍ରାଟ ଦେଖାଦେଇଥିବା ବରିଷ୍ଠ ସେବାୟତ ଶଶିକାନ୍ତ ପୂଜାପଣ୍ଡା କହିଛନ୍ତି।

# ବିଧାନସଭା ଅଧିବେଶନ ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୨୨।୧୧(ସତ୍ୟଜିତ୍ ରାଉତ)

ସପ୍ତଦଶ ବିଧାନସଭାର ଦ୍ୱିତୀୟ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଡିସେମ୍ବର ୩୧ ଯାଏ ଚାଲିବାକୁ ଥିବା ଏହି ଅଧିବେଶନ ପାଇଁ ଯାନବାହନ ଚଳାଚଳ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ଟ୍ରାଫିକ୍ କଟକଣା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ହାଉସିଂ ବୋର୍ଡ ଛକ ପାର୍ଶ୍ୱରୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ଗାଡ଼ିଗୁଡ଼ିକ କେଶରୀ ଟକିଜ୍‌ଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବ। ଏଜି ଛକ ପାର୍ଶ୍ୱରୁ ପିଏମ୍‌ଜି ଛକ ଆଡକୁ ଆସୁଥିବା ଗାଡ଼ିଗୁଡ଼ିକ ସୂଚନା ଭବନ ପାଖ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇଯିବ। ମାଷ୍ଟରକାଣ୍ଟିନ୍ ଛକ ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକ ଲୋୟର ପିଏମ୍‌ଜି ଛକଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇଯିବ। ୧୨୦ ବାଟାଲିୟନ୍ ଛକପାର୍ଶ୍ୱରୁ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ପାୱାର ହାଉସ୍ ଛକ ଦେଇ ଯିବ। ରାଜଭବନ ଛକପାର୍ଶ୍ୱରୁ ଏମ୍‌ଏଲ୍‌ଏ କଲୋନୀ ଏବଂ ରବିନ୍ଦ୍ର ମଣ୍ଡପ ଆଡ଼କୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ଶାସ୍ତ୍ରୀନଗର ଛକ ଆଡ଼କୁ ଯିବ। ଯେଉଁମାନଙ୍କ ପାଖରେ ଓଡ଼ିଶା ଅତିଥି ଭବନ ଯିବା ନିମନ୍ତେ ପାସ୍ ଥିବ, ସେମାନେ ୧୨୦ ବାଟାଲିୟନ୍ ଛକ ପାର୍ଶ୍ୱରୁ ଓଡ଼ିଶା ଅତିଥି ଭବନ ସାମ୍ନା ଗେଟ୍ ପର୍ଯ୍ୟନ୍ତ ଆସିପାରିବ। ତେବେ ଜରୁରିକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ଜାନବାହାନ ଓ ବିଧାନସଭା, ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଯାନବାହାନଗୁଡ଼ିକ ପାଇଁ ଏହି କଟକଣାଗୁଡ଼ିକ ଲାଗୁ ହେବ ନାହିଁ ବୋଲି ନିର୍ଦ୍ଦେଶାନାମାରେ ଉଲ୍ଲେଖ ରହିଛି।

# ପୋଢୁଆଁ ହେବେ କପିଳନାଥ ଦେବ



କୈବର୍ତ୍ତ ସାହି ସ୍ଥିତ ମାମୁଘରୁ ପ୍ରଭୁ କପିଳ ନାଥ ଦେବଙ୍କ ପାଇଁ ପୋଢୁଆଁ ଭାର ନିଆଯାଉଛି।

ପୁରୁଣା ଭୁବନେଶ୍ୱର,୨୨।୧୧(ସୁବାସ ଚନ୍ଦ୍ର ପ୍ରଧାନ)

### ମାମୁଘରୁ ଗଲା ପୋଢୁଆଁ ଥାଟ

ପୋଢୁଆଁ ଅଷ୍ଟମୀ ଅବସରରେ ଶନିବାର ପ୍ରଭୁ କପିଳ ନାଥ ଦେବ ପୋଢୁଆଁ ହେବେ। ଏଥିପାଇଁ ଶୁକ୍ରବାର ପାରମ୍ପରିକ ରୀତି ଅନୁଯାୟୀ କୈବର୍ତ୍ତ ସାହି ସ୍ଥିତ ମାମୁଘରୁ ସ୍ୱତନ୍ତ୍ର ନୂତନ ବସ୍ତ୍ରର ଥାଟ ଯାଇଛି। ସନ୍ଧ୍ୟାଧୂପ ପରେ ପ୍ରଭୁ ଝୁଣ୍ଟକେଶ୍ୱର ଦେବଙ୍କ ମନ୍ଦିରରେ କପିଳେଶ୍ୱର ମନ୍ଦିରର ସେବାୟତମାନେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ ମାମୁ ଘରୁ ପ୍ରଦାନ କରାଯାଇଥିବା ନୂତନ ବସ୍ତ୍ରର ଥାଟକୁ ଧରି ସେବାୟତମାନେ ଏକ ଶୋଭାଯାତ୍ରାରେ କପିଳେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଏହି ଶୋଭଯାତ୍ରାରେ ସ୍ଥାନୀୟ ଦୁଇ କର୍ପୋରେଟର ଚନ୍ଦ୍ରଶେଖର ମାଳିଆ ଏବଂ ଶିବ ନାରାୟଣ ରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବେହେରା, ବୃନ୍ଦାବନ ବେହେରା, ଜିତେନ ସେନାପତି, ବାସୁଦେବ ବେହେରା, ରାଧାକାନ୍ତ ବେହେରାଙ୍କ ସମେତ କୈବର୍ତ୍ତସାହି ଗ୍ରାମବାସୀ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଓଡ଼ିଆ ଭାଷାରେ 'ସମ୍ପାଦନା'ର ବନାନ ଶୁଦ୍ଧି ସଂଶୋଧନର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨୨।୧୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଓଡ଼ିଆ ଭାଷାରେ 'ସମ୍ପାଦନା'ର ବନାନ ଶୁଦ୍ଧି ସଂଶୋଧନ ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିର ଗତ ୧୮ତାରିଖରୁ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷାର୍ଥୀମାନଙ୍କୁ ଶୁଦ୍ଧ ଓଡ଼ିଆ ଲିଖନ, ସମ୍ପାଦନା ଓ ପ୍ରୁଫ୍ ସଂଶୋଧନର ବିଭିନ୍ନ ନିୟମାବଳୀ ଓ ପ୍ରାସଙ୍ଗିକତା ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିଲାଗି ବିଭିନ୍ନ ଜିଲାରୁ ୧୩୦ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଉଦ୍‌ଯାପନୀ କାଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଶୁଦ୍ଧ ଓଡ଼ିଆ ଲିଖନ ପାଇଁ ଉପଦେଶ ଦେବା ସହ ଓଡ଼ିଆ ଭାଷାରେ ସମ୍ପାଦନା ଓ ପ୍ରୁଫ ସଂଶୋଧନ କରିବାର ବିଭିନ୍ନ ନିୟମାବଳୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଉତ୍କଳ ସମ୍ମିଳନୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ



କଳିଙ୍ଗ ହସ୍ପିଟାଲ ଛକରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଭୁବନେଶ୍ୱର,୨୨।୧୧(ବନ୍ଦନା ସେଠୀ)

ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ମାଲକାନାଗିରିର ଗାନ୍ଧୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, କାର୍ଯ୍ୟକାରୀ ସଭାପତି ଭୃଗୁ ବକ୍ସିପାତ୍ର, ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପସଭାପତି ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ ଜେଠୀ, ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ମଝିରେ କାର ଥୋଇ ପଳାଇଲେ ଚାଳକ



ରାସ୍ତା ମଝିରେ ଅଟକି ରହିଥିବା କାର୍।

ଭୁବନେଶ୍ୱର,୨୨।୧୧(ସତ୍ୟଜିତ୍ ରାଉତ)

### ଜାମ୍ ହେଲା ଟ୍ରାଫିକ୍

ଭୁବନେଶ୍ୱର ଦେଇଯାଇଥିବା ୧୬ ନଂ. ଜାତୀୟ ରାଜପଥର ବରମୁଣ୍ଡାଠାରେ ରାସ୍ତା ମଝିରେ ଏକ କାରକୁ ଥୋଇ ଚାଳକ ହଠାତ୍ ପଳାଇଯିବା ଘଟଣା ସହରରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଚାଳକ ଜଣକ ଏହି ଘଟଣା ଘଟାଇଥିଲେ। ପ୍ରାୟ ୩୦ ମିନିଟରୁ ଉର୍ଦ୍ଧ୍ୱ ସମୟ କାରଟି ରାସ୍ତା ମଝିରେ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଟ୍ୟାଫିକ୍ ଜାମ୍ ହୋଇଥିଲା। ତେବେ ଖବର ପାଇ ପୋଲିସ ପହଞ୍ଚିବାବେଳକୁ କାର୍‌ଟି ସେଠାରେ ନ ଥିବା ଜଣାପଡିଥିଲା। ତେବେ କେଉଁ କାରଣ ପାଇଁ ଚାଳକ ଜଣକ କାର୍ ଥୋଇ ପଳାଇଥିଲେ ତାହା ସ୍ୱଷ୍ଟ ହୋଇ ନ ଥିବା ସୂଚନା ଦିଆଯାଇଛି।

# ୨୮ରୁ ହରିୟାଣାରେ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ

ଭୁବନେଶ୍ୱର,୨୨।୧୧(ବନ୍ଦନା ସେଠୀ)



ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସୈନୀଙ୍କ ସହ ଓଡ଼ିଶା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

ହରିୟାଣାର କୁରୁକ୍ଷେତ୍ରଠାରେ ନଭେମ୍ବର ୨୮ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବରେ ତାଞ୍ଜାନିଆ ପାର୍ଟନର ଦେଶ ଭାବେ ଯୋଗ ଦେଉଥିବାବେଳେ ଓଡ଼ିଶା ପାର୍ଟନର ରାଜ୍ୟ ଭାବେ ଅଂଶଗ୍ରହଣ କରିବ ବୋଲି ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସୈନୀ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ୟୁନାଇଟେଡ଼ ରିପବ୍ଲିକ୍ ଅଫ୍ ତାଞ୍ଜାନିଆର ହାଇ କମିଶନରଙ୍କ ସମେତ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ। ଏ ନେଇ ସଂସ୍କୃତି ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଓଡିଶା ଷ୍ଟେଟ ପାର୍ଟନର ଭାବେ ମହୋତ୍ସବରେ ଯୋଗ ଦେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହା ଆମ ଓଡ଼ିଆ ଭାଷା, ସାହିତ୍ୟ, ଲୋକକଳା ଓ ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବ। ସେହିପରି ଦେବଭୂମି ଭାରତବର୍ଷରେ ଗୀତା ମହୋତ୍ସବ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ପରମ୍ପରା ବିଶ୍ୱ ଦରବାରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ବିଭିନ୍ନ ଦେଶ ଯଥା ଲଣ୍ଡନ, କାନାଡା, ଶ୍ରୀଲଙ୍କା ଆଦିରେ ମଧ୍ୟ ଗୀତା ମହୋତ୍ସବ ପାଳିତ ହେବା ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାର ଆଦର୍ଶ ଓ ପ୍ରଭାବକୁ ସୂଚାଉଛି। ଏହାଦ୍ୱାରା ଓଡ଼ିଶା ଓ ହରିୟାଣା ମଧ୍ୟରେ ଲୋକକଳା, ସଂସ୍କୃତି ଓ ପରମ୍ପରାର ବିନିମୟ ମଧ୍ୟ ହୋଇପାରିବ। ବିଭିନ୍ନ ପ୍ରଦର୍ଶନୀର ଆୟୋଜନ ଓ ପାଭିଲିୟନ ନିର୍ମାଣ ମାଧ୍ୟମରେ ରାଜ୍ୟ ଓ ଆମ ଦେଶର ଲୋକକଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପ୍ରଦର୍ଶିତ କରାଯାଇପାରିବ। ଏହା ସମସ୍ତଙ୍କ ପାଇଁ ଏକ ଶୈକ୍ଷିକ ବିଷୟବସ୍ତୁ ଭାବେ କାର୍ଯ୍ୟ କରିବା ସହ ଅନ୍ତରାଷ୍ଟ୍ରୀୟ ସ୍ତରରେ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ମଧ୍ୟ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ବୋଲି ମନ୍ତ୍ରୀ କହିଛନ୍ତି।

### ଷ୍ଟେଟ୍ ପାର୍ଟନର ଭାବେ ଯୋଗଦେବ ଓଡ଼ିଶା

ସୂଚନା ଅନୁଯାୟୀ, ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଅନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ ଚଳିତ ବର୍ଷ ୧୮ଦିନ ଧରି ଆୟୋଜିତ ହେବ। ଗତବର୍ଷ ହୋଇଥିବା ଗୀତା ମହୋତ୍ସବରେ ୪୫ଲକ୍ଷରୁ ଅଧିକ ଲୋକ ଯୋଗଦେଇଥିଲେ ଓ ଚଳିତବର୍ଷ ମଧ୍ୟ ସେହିଭଳି ଜନସମାଗମ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଆଶା କରାଯାଉଛି।

## ଫଟୋରେ ଖବର









ଖଣ୍ଡଗିରି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ଏତିହ୍ୟ ସପ୍ତାହ ପାଳନ ଅବସରରେ ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ଏକମ୍ର ବିଧାୟକ ବାବୁ ସିଂଙ୍କ ସହ ଅନ୍ୟ ଅତିଥିମାନେ।

# ‘ସେବା, ଶୃଙ୍ଖଳା ଜୀବନରେ ଗଭୀର ରେଖାପାତ କରେ’

ଖୋର୍ଦ୍ଧା,୨୨।୧୧(ପ୍ରଭାତ ପାଣିଗ୍ରାହୀ)


ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ୨୬ତମ କାମ୍ପୋରୀ ଉଦ୍‌ଘାଟନ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

**ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ୨୬ତମ କାମ୍ପୋରି ଉଦ୍‌ଘାଟିତ**

ସେବା ଓ ଶୃଙ୍ଖଳା ଜୀବନରେ ଗଭୀର ରେଖାପାତ କରିଥାଏ। ସେବା ମନୋବୃତ୍ତି ଏବଂ ଶୃଙ୍ଖଳା ଜ୍ଞାନ ଆଗକୁ ବଢ଼ିବାକୁ ମାର୍ଗ ପ୍ରଶସ୍ତ କରିଥାଏ। ସେବା ମନୋଭବ ମାନସିକତା ଧୀରେ ଧୀରେ ହଜିବାକୁ ବସିଛି। ଅନ୍ୟ ପ୍ରତି ସହଯୋଗ ହାତ ବଢ଼ାଇବା, ପ୍ରାକୃତିକ ବିପର୍ଯ୍ୟୟ, ଯାନିଯାତ୍ରାରେ ସାମିଲ ହୋଇ ଲୋକଙ୍କୁ ସାହାଯ୍ୟ କରିବା ପ୍ରକ୍ରିୟା ପିଲାବେଳେ ଭାରତ ସ୍କାଉଟ୍ସ ଓ ଗାଇଡ୍ସରେ ମିଶିବା ପରେ ଆସିଥାଏ। ଜୀବନରେ ଯାହା କିଛି ଭଲ ଶିକ୍ଷାଲାଭ କରିଛି, ତାହା ଛାତ୍ରବସ୍ଥାରେ ସ୍କାଉଟ୍ସ ଗାଇଡ୍ସରେ ଯୋଗଦାନ ପରେ ହାସଲ କରିଛି ବୋଲି ସ୍ଥାନୀୟ ବିଜେବି ହାଇସ୍କୁଲ ପଡ଼ିଆରେ ଜିଲାସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ୨୬ତମ କାମ୍ପୋରି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହା କହିଛନ୍ତି।

ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ସଭାପତି ତଥା ଜିଲାପାଳ ଚଞ୍ଚଳ ରାଣା ବିଧିବଦ୍ଧ ଭାବେ କାମ୍ପୋରୀ ଉଦ୍‌ଘାଟନ ଘୋଷଣା କରିଥିଲେ। ଜିଲା ଶିକ୍ଷାଧିକାରୀ ତଥା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଜିଲା କମିଶନର ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବକୁ ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରି କହିଥିଲେ, ଶୃଙ୍ଖଳିତ ଜୀବନଶୈଳୀ, ଅନ୍ୟ ପ୍ରତି ସ୍ନେହଶ୍ରଦ୍ଧା, ଭଲପାଇବା ଜୀବନରେ ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ। ସେହିପରି ମୁଖ୍ୟ ବକ୍ତା ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ଶୃଙ୍ଖଳିତ ସମାଜ ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ନୂତନ ଓଡ଼ିଶାର ପରିକଳ୍ପନା ତଥା ଆଗାମୀ ପିଢି ପାଇଁ ଆଦର୍ଶ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେବା ସହ ୨୦୩୬ ବିକଶିତ ଓଡ଼ିଶା, ୨୦୪୭ ସ୍ୱାଧୀନତାର ଶତାବ୍ଦୀ ବର୍ଷରେ ଦେଶର କର୍ଣ୍ଣଧାର ହେବାକୁ ପରାମର୍ଶ ଦେଇଥିଲେ। ୩ଦିନ ବ୍ୟାପୀ ଏଠାରୁ ଯାହା ଶିକ୍ଷାଲାଭ କରିବେ, ତାହା ଆଗାମୀ ଭବିଷ୍ୟତ ଗଠନ ପାଇଁ ସହାୟକ ହେବ। ଜିଲାପାଳ ଚଞ୍ଚଳ ରାଣା କହିଥିଲେ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ନିଜ ବିଦ୍ୟାଳୟକୁ ଛାଡି ଏଠାରେ ଏକାଠି ହୋଇଛନ୍ତି। ଗୋଟିଏ ସ୍ଥାନରେ ଏକାଠି ବସି ଖାଇବା, ବୁଲିବା, ପ୍ରତିଯୋଗିତାରେ ଅଂଶଗ୍ରହଣ ଯେଉଁ ମଜା ଅଛି, ତାହା ଅନନ୍ୟ। ଏହା ଏକ ସୁନ୍ଦର ଅନୁଭୂତି। ବନ୍ଧୁତାର ସେତୁବନ୍ଧ ଭଳି ଯୋଡିଥାଏ। ଜୀବନରେ କେବେ ମାନସିକ ଦୁଶ୍ଚିନ୍ତା ଆସିଲେ, ଏହି ଅନୁଭୂତି ମନେପକାଇଲେ ଜୀବନ ପୁଣି ଥରେ ସରସ ସୁନ୍ଦର ହୋଇ ଗଢ଼ିଉଠିବ। ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର କହିଥିଲେ, କାମ୍ପୋରୀ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ଶୃଙ୍ଖଳାଜ୍ଞାନ, ଉତ୍ତମ ଚରିତ୍ର, ସେବା ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ। ସଭାପତିତ୍ୱ ଭାଷଣରେ ଜିଲା ଶିକ୍ଷାଧିକାରୀ ତରାଇ କହିଥିଲେ, ନିଷ୍ଠା, ଏକାଗ୍ରତା ଏବଂ କଠିନ ପରିଶ୍ରମ ସଫଳତା ଆଣିଥାଏ। ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖ। ଜିଲା ସ୍କାଉଟ୍ସ ଓ ଗାଇଡ୍ସର ଜିଲା ସମ୍ପାଦକ ସୁଧାକର ମହାପାତ୍ର କାମ୍ପୋରୀ ବିବରଣୀ ପାଠ କରିଥିବା ବେଳେ ଜିଲା ସାଙ୍ଗଠନିକ ସମ୍ପାଦକ ତଥା ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ। ସ୍କାଉଟ୍ସ ଗାଇଡ୍ସ ଶିକ୍ଷକମାନେ ପରିଚାଳନା କରିଥିଲେ। ଏହି କାମ୍ପୋରୀରେ ଜିଲାର ୧୨୬ଟି ସ୍କୁଲରୁ ୧୨୭୭ ସ୍କାଉଟ୍ସ ଓ ଗାଇଡ୍ସ ଯୋଗଦେଇଛନ୍ତି। ୩ଦିନ ଧରି ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ବିଭିନ୍ନ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯିବ।

# ଶ୍ରୀଅନ୍ନ ସଚେତନତା ରଥ ଗଡ଼ିଲା


ସଚେତନତା ରଥ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୨୨।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର କୃଷି ବିଭାଗ ପକ୍ଷରୁ ଶ୍ରୀଅନ୍ନ ସଚେତନତା ରଥ ଶୁଭରାମ୍ଭ ହୋଇଛି। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ଯୋଗଦେଇ ରଥର ଶୁଭାରମ୍ଭ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର, ଜିଲା ସହକାରୀ କୃଷି ଅଧିକାରୀ ଭାରତୀ ମଲ୍ଲ, ଡିପିସି ଚିନ୍ମୟ ବାନାର୍ଜୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଫଳତାର ବାର୍ତ୍ତା ଦେଇଥିଲେ। ଶ୍ରୀଅନ୍ନ ଅଭିଯାନ ସଂସ୍ଥା କୋଅର୍ଡିନେଟର ତାରିଣୀ ନାୟକ, ସହକାରୀ କୋଅର୍ଡିନେଟର ଭିକାରି ଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ରଥ ଅଞ୍ଚଳ ପରିକ୍ରମା କରି ଶ୍ରୀଅନ୍ନ (ପୁଷ୍ଟି ଶସ୍ୟ ମାଣ୍ଡିଆ)ର ଉତ୍ପାଦନ ଓ ଉପକାରିତା ସମ୍ପର୍କରେ ପ୍ରଚାର କରିବ ବୋଲି ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

# ମଣ୍ଡଳସ୍ତରୀୟ ବିଜ୍ଞାନମେଳା

ଖୋର୍ଦ୍ଧା,୨୨।୧୧(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁରଠାରେ ଖୋର୍ଦ୍ଧା ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବିଜ୍ଞାନ ମେଳା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକର ୧୪୩ଜଣ କୁନି ବୈଜ୍ଞାନିକ ପ୍ରତିଯୋଗୀ ଭାଗ ନେଇଥିଲେ। ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱାତୀ ପ୍ରଜ୍ଞା ମୁଦୁଲି, ଓଏଭି ଶିଆଳିଆର ରିତେଶ ଭୁଜବଳ, ପ୍ରତ୍ୟାଶା ପତି, ବିଜେବି ଉଚ୍ଚ ବିଦ୍ୟାଳୟ ସଂଗ୍ରାମ ପୁହାଣ, ଭଗବତ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଜଙ୍କିଆ ଆରୁଷି ବଳିୟାରସିଂହ, ସରକାରୀ ଉଚ୍ଚ ବିଦ୍ୟାଳୟ ବାଜପୁର ଶ୍ରଦ୍ଧାଞ୍ଜଳି ସାହୁ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକତିଗିରିଆ ପ୍ରିୟଙ୍କା ସାହୁଙ୍କ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ଉନ୍ନୀତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥି, ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ଦିଲୀପ କୁମାର ହୋତା, ଇଂ.ଦ୍ୱାରିକା ନାଥ ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ଶିକ୍ଷକ ନିରଞ୍ଜନ ସାହୁ, ବିଭୁ ପ୍ରସାଦ ସେନାପତି, ସନ୍ଧ୍ୟାବତୀ ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଜିଜ୍ଞାସା ଭାବ ରଖିବାକୁ ପରାମର୍ଶ ଦେଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ବରିଷ୍ଠ ବୈଜ୍ଞାନିକ ଡ. ରଞ୍ଜନ କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମନ୍ତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ବୈଜ୍ଞାନିକ କଳାକୃତିକୁ ଆଧାର କରି ବିଜ୍ଞାନଭିତ୍ତିକ ନାଟକ ପରିବେଷଣ କରିଥିଲେ।

# ବଳରାମ ଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ପଦବୀ ଖାଲି

ଟାଙ୍ଗୀ,୨୨।୧୧ (ରଘୁନାଥ ସାହୁ)

ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଦୁଇବର୍ଷ ହେବ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଳରାମ ଦେବ ବିଦ୍ୟାପୀଠ ସମେତ ୩ଟି ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ପ୍ରଧାନ ଶିକ୍ଷକ ପଦବୀ ରହିଛି। ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ, କୁହୁଡି ଜନତା ଉଚ୍ଚ ବିଦ୍ୟାଳୟ ଓ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଦ୍ୱିତୀୟ ଶ୍ରେଣୀ ପାହ୍ୟା ପ୍ରଧାନ ଶିକ୍ଷକ ପଦବୀ ଥିବା ବେଳେ କେବଳ ନିରାକାରପୁର କ୍ଷେତ୍ରବାସୀ ଏକାଡେମୀରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ ହୋଇପାରିଛି। କୁହୁଡି ଜନତା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଦୀର୍ଘ ଦିନ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ବ୍ଲକ ସଦର ମହକୁମାରେ ଥିବା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ ହୋଇପାରି ନାହିଁ। ତେବେ ଏହି ବିଦ୍ୟାଳୟରେ ସରକାରୀ କାର୍ଯ୍ୟକ୍ରମ, ବିଭିନ୍ନ ପରୀକ୍ଷା କେନ୍ଦ୍ର, ପରୀକ୍ଷା ପ୍ରଶ୍ନପତ୍ର ହବ୍‌କେନ୍ଦ୍ର, ପ୍ରଶିକ୍ଷଣ ଶିବିର, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବିଭିନ୍ନ ସମୟରେ ସରକାରୀ କାର୍ଯ୍ୟକ୍ରମ ଜାରି ରହୁଥିବାରୁ ବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହେଉଛି। ପ୍ରଧାନ ଶିକ୍ଷକ ନ ଥିବାରୁ ବିଦ୍ୟାଳୟର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରୁନାହିଁ। ଏ ସମ୍ପର୍କରେ ବିଭିନ୍ନ ସମୟରେ ଅଭିଭାବକ, ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଚଳତ ବର୍ଷ ମାଟ୍ରିକ ପରୀକ୍ଷା ପୂର୍ବରୁ ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ୧୧୦ ପ୍ରକଳ୍ପରୁ ୭ ଜିଲାସ୍ତରକୁ ମନୋନୀତ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଜଟଣୀ,୨୨।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ଏନ୍‌ଡିଆର୍‌ସି ସରକାରୀ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଇସ୍ରୋ ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଏବଂ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ରାଜକୁମାର ସରକାର, ମୋ ସ୍କୁଲ ସଭାପତି ଶ୍ରୀକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଜ୍ଞାନମେଳାରେ ମୋଟ୍ ୧୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ମନୋଜ ଛୋଟରାୟ, ତେଜସ୍ୱିନୀ ପାତ୍ର, ଅଲିଶା ଆଫ୍ରିନ, ଅମିତାଂଶୁ ପଟ୍ଟନାୟକ, ବାସୁଦେବ ତ୍ରିପାଠୀ, ରୋଜାଲିନ ବେହେରା ଏବଂ ରାଜେଶ୍ୱରୀ ପାତ୍ରଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜଟଣୀ ନଗରପାଳ ଅନନ୍ତ ବେହେରା ମୁଖ୍ୟ ଅତିଥି, ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ତାପସ କୁମାର ନାୟକ ମୁଖ୍ୟ ବକ୍ତା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. ସ୍ନିଗ୍ଧାରାଣୀ ସ୍ୱାଇଁ ଏବଂ ସହ ସମ୍ପାଦକ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗଦେଇଥିଲେ। ସିଆର୍‌ସିସି ରଶ୍ମିତା ନାୟକ, ସାଧନ କୁମାର ନାୟକ, ଶିକ୍ଷୟିତ୍ରୀ ପ୍ରେମଲତା ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ମହତାବ ଓଡ଼ିଶାର ଅନ୍ୟତମ ବିନ୍ଧାଣି


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୨।୧୧(ପ୍ରଭାତ ପାଣିଗ୍ରାହୀ):

କଳିଙ୍ଗ ପାଇକ ସଙ୍ଗଠନ ଆନୁକୂଲ୍ୟରେ ଉତ୍କଳ କେଶରୀ ଡ.ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ଆଇନଜୀବୀ ବସନ୍ତ କୁମାର ଦାଶ, ଦେବରାଜ ପ୍ରଧାନ, ମୃତ୍ୟୁଞ୍ଜୟ ଛୋଟରାୟ, ଗୋବିନ୍ଦ ଚନ୍ଦ୍ର ମହାରଣା, ବିକ୍ରମ କେଶରୀ ଚମ୍ପତି, ନାରାୟଣ ଦାସ, ବାଇଧର ମିଶ୍ର, କୈଳାସ ଚନ୍ଦ୍ର ପୃଷ୍ଟି, ରାମ ନାରାୟଣ ଦାଶ, ସୁରେଶ ଚନ୍ଦ୍ର ବିଶ୍ୱାଳ, ସୁଷମା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ୧୮୯୯ ନଭେମ୍ବର ୨୧ରୁ ୧୯୮୭ ଜାନୁଆରୀ ୨ ତାରିଖ ୮୮ବର୍ଷ ଅବଧି ମଧ୍ୟରେ ଓଡ଼ିଶାର ରାଜନୀତି, ଶିକ୍ଷା, ସାହିତ୍ୟ, ସମାଜସେବା ଓ ସାମ୍ବାଦିକତା ସମସ୍ତ କ୍ଷେତ୍ରରେ ମହତାବ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ରଜାତନ୍ତ୍ର ବିଷୁବ ମିଳନର ସ୍ରଷ୍ଟା, ହୀରାକୁଦ ବନ୍ଧ, ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ଓ ବାରବାଟୀ ଷ୍ଟାଡ଼ିୟମ ପ୍ରତିଷ୍ଠାର ପ୍ରମୁଖ ଭୂମିକା ନେଇଥିଲେ। ମହତାବଙ୍କ ଯୋଗୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ହେବା ସମ୍ଭବ ବୋଲି କହିଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ୬ମାସିକ ବୈଠକ

ଟାଙ୍ଗୀ.୨୨।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅଧୀନ ଉଜ୍ଜ୍ୱଳାଗୋପୀନାଥପୁର ପଞ୍ଚାୟତର କାଟିଲାଗୋଠ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର କ୍ଲଷ୍ଟରସ୍ତରୀୟ ଷଷ୍ଠ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁକ୍ତେଶ୍ୱରଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଲିପ୍ତା କୁମାରୀ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସିଆର୍‌ସିସି ଅମିତ୍ କୁମାର ଚକ୍ରବର୍ତ୍ତୀ, ଲଳିତ ନାରାୟଣ ମହାପାତ୍ର, ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ସଙ୍ଗଠନର ଅଭୟ ଦାଶ, ଉଜ୍ଜ୍ୱଳାଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରିୟଙ୍କା ମହାପାତ୍ର, ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କବିତା ମହାପାତ୍ର, ସୁଜାତା ଜେନା, କାଟିଲାଗୋଠ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେହେରା, ସିଆର୍‌ସିସି ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଭୌତିକ ପରିବେଶ, ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢୀକରଣ, ସମସ୍ୟା ଓ ଏହାର ସମାଧାନ, ଟ୍ରାକର, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟରେ ଆଲୋଚନା କରାଯାଇଥିଲା। ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଏବଂ ରାଉଳସାହି ପ୍ରାଥମିକ ବିଦ୍ୟାଳୟର ଜ୍ୟୋତ୍ସ୍ନାରାଣୀ ସେଠୀ ଏଫ୍‌ଏଲ୍‌ଏନ୍‌ଆଦର୍ଶଶିକ୍ଷାଦାନ ଦେଇଥିଲେ। ମୁକ୍ତେଶ୍ୱର କ୍ଲଷ୍ଟର ଅନ୍ତର୍ଗତ ୧୨ ସରକାରୀ ବିଦ୍ୟାଳୟରୁ ଆସିଥିବା ଏଫ୍‌ଏଲ୍‌ଏନ୍ ଶିକ୍ଷକଙ୍କ ସହିତ ପ୍ରଧାନ ଶିକ୍ଷକମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଆଇଏମ୍ ଅଭୟ ଦାଶ ପର୍ଯ୍ୟବେକ୍ଷକଭାବେ ଉପସ୍ଥିତ ଥିଲେ। ସିଆର୍‌ସିସି ସତ୍ୟ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରକାଶ ବେହେରା ଧନ୍ୟବାଦ ଦେଇଥିଲେ। ଦୀପିକା ମଣ୍ଡଳ, ସୋନାଲି ମୁର୍ମୁ, ସଞ୍ଜୁକ୍ତା ବେହେରା, ମନୋରମା ସାହୁ, ମୋନାଲିସା ବେହେରା, ସବିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାର୍ଥୀଙ୍କ ଶାରୀରିକ, ମାନସିକ ବିକାଶରେ କ୍ରୀଡ଼ା


ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ,୨୨।୧୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଭୀମପଡ଼ା ସ୍ଥିତ ଗିଭ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହେଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ସମ୍ପାଦକ ମହମ୍ମଦ ଆଜାଦ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ସାହିତ୍ୟିକ ଶେଖ ଅବଦୁଲ ଖାଲିକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଦନ ମୋହନ ପୃଷ୍ଟି ଏବଂ ଜିତେନ୍ଦ୍ର ଗୁରୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳକୁଦ ଦ୍ୱାରା ବିଦ୍ୟାର୍ଥୀଙ୍କ ଶାରୀରିକ ଓ ମାନସିକ ଶକ୍ତିର ବିକାଶ ହେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରିୟବ୍ରତ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ କ୍ରୀଡା ଉତ୍ସବକୁ ପ୍ରମୋଦିନୀ ମହାପାତ୍ର, ମନସ୍ୱିନୀ ମାନସିଂହ, ଭାରତୀ ସ୍ୱାଇଁ, ବର୍ଷା, ପୂଜା, ପୁଷ୍ପ, ସୁବାସିନୀ, ସସ୍ମିତା ପ୍ରମୁଖ ପରିଚାଳନା କରିଥିଲେ। ପ୍ରଭାସ ଷଡ଼ଙ୍ଗୀ, ଅବଦୁଲ ରୌଫ ଖାଁ ମଞ୍ଚ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ସନାତନ ପରିଡା ଧନ୍ୟବାଦ ଦେଇଥିଲେ।

**କୁଶପଲା କ୍ରିକେଟ ଟୁର୍ନାମେଣ୍ଟ**

# ଅଠରାଙ୍ଗ, ବୈଦେଶ୍ୱର କ୍ୱାର୍ଟର ଫାଇନାଲରେ

ବେଗୁନିଆ,୨୨।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସିରିଜ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଅଠରାଙ୍ଗ ଏବଂ କଲ୍ୟାଣପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଅଠରାଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬୫ରନ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ଟିମ୍ ୧୪୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ କାଇପଦର ଏବଂ ବୈଦେଶ୍ୱର କ୍ଲବ ମଧ୍ୟରେ ହୋଇଥିଲା। କାଇପଦର କ୍ଲବ ୧୬ ଓଭରରେ ୧୦୮ରନ ସଂଗ୍ରହ କରିଥିବା ବେଳେ ବୈଦେଶ୍ୱର କ୍ଲବ ୧୧୦ରନ ସଂଗ୍ରହ କରି ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ରମାକାନ୍ତ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ସେହଜାଦ ଖାନ ସହଯୋଗ କରିଥିଲେ। ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମାଜସେବୀ ଅନସୁର ଖାନ, ଏସ୍.କେ ଅର୍ଶାଦ, ଏସ୍.କେ ସୈଦ, ରମାକାନ୍ତ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର କୁଶପଲା, ଗୁଡୁମ, ଗୁରୁଜଙ୍ଗ ଏବଂ ଭାଲିଆବାଡି ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମଣ୍ଡଳସ୍ତରୀୟ ବିଜ୍ଞାନମେଳାରେ ୧୫୪ ପ୍ରକଳ୍ପ

କୃଷ୍ଣପ୍ରସାଦ,୨୨।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)


ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥିମାନେ।

ପୁରୀ ଜିଲା କୃଷ୍ଣପ୍ରସାଦ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପଞ୍ଚାୟତ ହାଇସ୍କୁଲ ବଜ୍ରକୋଟରେ ୩୦ତମ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଶୈଳ ଧିରଜା ତନୟା ଶତପଥୀ, ମୁଖ୍ୟ ବକ୍ତା ଆଞ୍ଚଳିକ ପାଣିପାଗକେନ୍ଦ୍ର ପୂର୍ବତନ ନିର୍ଦ୍ଦେଶକ ଡ.ଶରତ କୁମାର ସାହୁ, ସମ୍ମାନିତ ଅତିଥି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ହରିଚନ୍ଦନ ଜଗଦ୍ଦେବ ରାୟ, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସେଠୀ, ସମିତିସଭ୍ୟା ଛବିରାଣୀ ପାହାଣ, ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ସାମନ୍ତରାୟ, ସମାଜସେବୀ ଦୀପକ ଜେନା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ ଚୌଧୁରୀ, ବ୍ଲକ ଓଷ୍ଟା ସଭାପତି କାଶୀନାଥ ଜେନା, ବରିଷ୍ଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ମାଲୁଦ ସର୍କଲ ସଭାପତି ସାମନ୍ତ ବିମଳ କୁମାର ରଣସିଂହ, ସାତପଡ଼ା ସର୍କଲ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନର ବିକାଶ ଯୋଗୁ ମାନବ ସଭ୍ୟତାର ବିକାଶ ସମ୍ଭବପର ହୋଇପାରିଛି। ତେଣୁ ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ। ଦୈତାରୀ ବିଶ୍ୱାଳ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିବା ବେଳେ ମାନସିଂହ ସାହିତ୍ୟ ସଂସଦ ସଭାପତି ବିଷ୍ଣୁ ପ୍ରସାଦ ଦଳାଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ମେଳାରେ ମୋଟ୍ ୧୫୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରକଳ୍ପଗୁଡିକ ଜିଲାସ୍ତରକୁ ମନୋନୀତ ହୋଇଛି। ସିଆର୍‌ସିସି ରମାକାନ୍ତ ଜେନା, ସିଆରସିସି ସତ୍ୟବାଦୀ ବିଶ୍ୱାଳ, ପ୍ରଶାନ୍ତ ନାୟକ, ବିଦ୍ୟାଧର ଜେନା, ସୁକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଜ୍ରକୋଟ ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ସଭାନେତ୍ରୀ ରୁନୁବାଳା ସେଠୀ, ସମ୍ପାଦିକା ବିଳାସିନୀ ଜେନାଙ୍କ ନେତୃତ୍ୱରେ ଘୋଳଦହି ବଣ୍ଟନ କରାଯାଇଥିଲା। ମହାସଂଘର ୩୪ଜଣ ସଦସ୍ୟା ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏକାଦଶ ଛାତ୍ରୀଛାତ୍ରଙ୍କ ତଥ୍ୟ ଦେଉନାହାନ୍ତି ୩୦୭ ଶିକ୍ଷାନୁଷ୍ଠାନ

■ଆସିଥିବା ତଥ୍ୟରେ ବି ରହୁନି ତାଳମେଳ
■ବୈଠକ ଡାକିଲେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୨୨।୧୧ (ସୁଚିସ୍ମିତା ସାହୁ)

ଶିକ୍ଷା ବ୍ୟବସ୍ଥାକୁ ସାର୍ବଜନୀନ ଓ ସରଳ କରିବା ସହ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ଯୋଜନା ହେଉଛି। ହେଲେ ସରକାରଙ୍କ ନିର୍ଦ୍ଦେଶକୁ ବହୁ ଶିକ୍ଷାନୁଷ୍ଠାନ ମାନୁ ନ ଥିବାରୁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଘଟଣାକ୍ରମରେ ଚଳିତ ବର୍ଷ ରାଜ୍ୟର ସରକାରୀ ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ କେତେ ଛାତ୍ରୀଛାତ୍ର ଅଛନ୍ତି, ତାହାର ତଥ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଖରେ ନାହିଁ। କାରଣ ଏଯାଏ ୩୦୭ ଉଚ୍ଚମାଧ୍ୟମିକବିଦ୍ୟାଳୟ ତଥ୍ୟ ଦେଉ ନ ଥିବାରୁ ଆଗାମୀ ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ସମସ୍ୟା ଉପୁଜିବ ବୋଲି ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉଦ୍‌ବେଗ ପ୍ରକାଶ କରିବା ସହ ଏଥିଲାଗି ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଚେତାଇ ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ନିର୍ଦ୍ଦେଶାଳୟ ପକ୍ଷରୁ ପୁନର୍ବାର ଆସନ୍ତା ୨୫ ତାରିଖରେ ବୈଠକ ଲାଗି ଅଧ୍ୟକ୍ଷମାନଙ୍କୁ ଡକାଯାଇଛି।

ଗତ ୨୧ ତାରିଖରେ ନିର୍ଦ୍ଦେଶାଳୟ ପକ୍ଷରୁ ଭାରପ୍ରାପ୍ତ ଅଧିକାରୀ ଡ. ଉମାକାନ୍ତ ସେଠୀ ରାଜ୍ୟର ୩୦୭ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ପତ୍ର ଲେଖିଛନ୍ତି। ସେ ଦର୍ଶାଇଛନ୍ତି ଯେ, ନିର୍ଦ୍ଦେଶାଳୟ ପକ୍ଷରୁ ୟୁଡିଆଇସିଇ+ ଡାଟା ଦେବାପାଇଁ ଆଭାସୀ ବୈଠକରେ ବାରମ୍ବାର କୁହାଯାଉଛି। ଚଳିତମାସ ୧୧ ତାରିଖରେ ମଧ୍ୟ ପତ୍ର ଲେଖି ଅବଗତ କରାଯିବା ସହ ବ୍ୟକ୍ତିଗତ ଭାବେ ମଧ୍ୟ କୁହାଯାଇଥିଲା। ହେଲେ କ'ଣ ପାଇଁ ତଥ୍ୟ ଦିଆଯାଉ ନାହିଁ ତାହାକୁ ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି। ତେବେ ତଥ୍ୟ ଦେଉ ନ ଥିବା ୩୦୭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଖୋର୍ଦ୍ଧା ଜିଲାର ସର୍ବାଧିକ ୩୨ ବିଦ୍ୟାଳୟ ରହିଛି। ସେହିପରି ବାଲେଶ୍ୱରରେ ୨୭, କଟକ ୧୭, ବରଗଡ ୧୬, କଳାହାଣ୍ଡି ୨୩, ଗଞ୍ଜାମ ୨୧, କେନ୍ଦ୍ରାପଡା ୧୫, ପୁରୀ ଓ ସୁନ୍ଦରଗଡ ୧୪, ଭଦ୍ରକ ଓ ମୟୂରଭଞ୍ଜ ୧୦, ବଲାଙ୍ଗୀର ୧୧, ଯାଜପୁର ୧୬, କୋରାପୁଟ ୧୩, ନୟାଗଡ ୭, ନବରଙ୍ଗପୁର, କେନ୍ଦୁଝର, ଜଗତ୍‌ସିଂହପୁର, ରାୟଗଡା, ବୌଦ୍ଧ, ଢେଙ୍କାନାଳ ଓ ସମ୍ବଲପୁରରେ ୬, ସୋନପୁର ୫,ଅନୁଗୋଳ ୪, ଗଜପତି ୩, ଦେବଗଡ ଓ ମାଲକାନାଗିରି ୨ ଏବଂ ନୂଆପଡାରେ ସର୍ବନିମ୍ନ ୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥ୍ୟ ଦାଖଲ କରି ନ ଥିବା ତଥ୍ୟରୁ ଜଣାପଡିଛି। ଏହାବାଦ ସରକାରଙ୍କ ନିକଟକୁ ଯେଉଁ ତଥ୍ୟ ଆସିଛି ସେଥିରେ ବହୁତ ଶିକ୍ଷାନୁଷ୍ଠାନର ତଥ୍ୟରେ ତାଳମେଳ ରହୁନାହିଁ। ଚଳିତବର୍ଷ ଏକାଦଶ ପରୀକ୍ଷା ପାଖେଇ ଆସିଲାଣି। ତେଣୁ ଏହାକୁ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ଆସନ୍ତା ସୋମବାର ପୁନର୍ବାର ଏକ ଆଭାସୀ ବୈଠକରେ ଆଲୋଚନା ହେବ। ଏହାପୂର୍ବରୁ ୨୩ ତାରିଖ ସୁଦ୍ଧା ନିର୍ଦ୍ଦେଶାଳୟକୁ ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ତାଙ୍କର ଉପସ୍ଥିତ ନେଇ ସ୍ପଷ୍ଟ ଜଣାଇବାକୁ ଡ. ସେଠୀ ପତ୍ରରେ ଉଲ୍ଲେଖ କରିଛନ୍ତି।

# ମହାପ୍ରଭୁଙ୍କ ପାଇଁ ନିଆଳିରୁ ଆସିଲା ପୋଢୁଆଁ ଭାର


କଟକ ନିଆଳି ମାଧବ ମନ୍ଦିରରୁ ଆସିଥିବା ପୋଢୁଆଁ ଭାର।

ପୁରୀ/ଚାରିଛକ/ ଗୋପ,୨୨।୧୧ (ଅଜିତ୍ କୁମାର ମହାନ୍ତି/ ଶିଶିର ସ୍ୱାଇଁ/ଭାରତୀ ଭୂଷଣ ଉପାଧ୍ୟାୟ)

ପରମ୍ପରା ଅନୁଯାୟୀ ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶନିବାର ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି ପାଳନ କରାଯିବ। ତେଣୁ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ପୋଢୁଆଁ ଭାର ଆସିଛି। ନିଆଳି ମାଧବ ମନ୍ଦିରରୁ ମାଧବାନନ୍ଦ ଜୀଉ ବିକାଶ ପରିଷଦ ପକ୍ଷରୁ ଏହି ଭାର ଶ୍ରୀକ୍ଷେତ୍ର ଆସିଛି। ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ, ଚନ୍ଦନକାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ, ନୂଆଲୁଗା ଆଦି ସମେତ ମହାପ୍ରଭୁଙ୍କ ଗୋପାଳବଲ୍ଲଭ ପାଇଁ ଫଳମୂଳ, ତୁଳସୀ ଓ ପଦ୍ମଫୁଲ ମାଳ ଆସିଛି। ଭାର ସହ ନିଆଳିରୁ ପ୍ରଭୁ ମାଧବାନନ୍ଦ ଜୀଉଙ୍କ ସେବାୟତ ଓ ପରିଷଦର ସଦସ୍ୟ ଏବଂ ସ୍ଥାନୀୟ ଲୋକେ ଆସି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ସେବକ ଏବଂ ଭକ୍ତମାନେ ପତାକା, ପାରମ୍ପରିକ ବାଦ୍ୟ, ପାଇକ ଆଖଡ଼ା, ବାଡ଼ିଖେଳ, ଲଉଡ଼ି, ସଂକୀର୍ତ୍ତନ ମଣ୍ଡଳୀଙ୍କ ସଂକୀର୍ତ୍ତନରେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ଏହି ସମୟରେ ଶ୍ରୀକ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପୋଢୁଆଁ ଭାରକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦିଆଯାଇଥିଲା। ମଙ୍ଗଳା ପୁରାଣରେ ମହାପ୍ରଭୁଙ୍କ ମାମୁଘର ନିଆଳିର ମାଧବାନନ୍ଦ ଜୀଉ ଉଲ୍ଲେଖ ରହିଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଚାରିଛକ ବଜାରଠାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୋପ-ବାଲିଘାଇ ରାସ୍ତାର ସମସ୍ତ ଛକ ଓ ବଜାରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ମେଢ଼, ନାଗା ନୃତ୍ୟ ପରିବେଷଣ କରାଯାଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଜାହାଙ୍ଗୀର ଖାନ ମଧ୍ୟ ଏହି ଯାତ୍ରାକୁ ସ୍ୱାଗତ କରିଥିଲେ। ଚଳିତ ବର୍ଷ ଏହି ଭାର ୬ଷ୍ଠ ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ଏକ ଗାଡ଼ିକୁ ରଥାକୃତି ଭାବେ ସଜାଯିବା ସହ ତା' ଆଗରେ ଗରୁଡ଼ ଉପବେଶନ କରିଥିଲେ, ଯାହା ବେଶ୍ ଆକର୍ଷଣ ସାଜିଥିଲା।

# ବାଲୁକାକଳା ପ୍ରତିଷ୍ଠାନ ନିର୍ମାଣ ନେଇ ଗୋଆ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକଲେ ସୁଦର୍ଶନ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆର ୫୫ତମ ସଂସ୍କରଣ ଗୋଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏକ ସୁନ୍ଦର ବାଲୁକାକଳା ନିର୍ମାଣ କରିଛନ୍ତି, ଯାହାକୁ ଗୋଆ ମୁଖ୍ୟମନ୍ତ୍ରୀ ଡ. ପ୍ରମୋଦ ସାୱନ୍ତ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୋଆରେ ବାଲୁକା କଳା ପ୍ରତିଷ୍ଠାନ ନିର୍ମାଣ ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ। ଏ ନେଇ ସୋସିଆଲ ମିଡିଆରେ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି, ସୁନ୍ଦର ବେଳାଭୂମି ପାଇଁ ଗୋଆ ପରିଚିତ। ଏଠାରେ ଏକ ଉତ୍ସର୍ଗୀକୃତ ବାଲୁକା କଳା ତାଲିମ ପ୍ରତିଷ୍ଠାନ ରହିବା ଉଚିତ, ଯେଉଁଠାରେ ସ୍ଥାନୀୟ କଳାକାର ଓ ଛାତ୍ରୀଛାତ୍ରମାନେ ବାଲୁକା ମୂର୍ତ୍ତିର ଜଟିଳତା ଜାଣିପାରିବେ। ଏହା ରାଜ୍ୟର ସାଂସ୍କୃତିକ ଦୃଶ୍ୟପଟ ପାଇଁ ଏକ ମହତ୍ ଯୋଗ ଏବଂ ସମଗ୍ର ବିଶ୍ୱରୁ ଗୋଆ ପରିଦର୍ଶନ କରୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ଏକ ଚମତ୍କାର ଉପାୟ ହେବ। ଗୋଆରେ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବାଲୁକା କଳା କାର୍ଯ୍ୟକଳାପ ବିଷୟରେ ସେ ମୁଖ୍ୟମନ୍ତ୍ରୀ ସାୱନ୍ତଙ୍କ ସହ ଆଲୋଚନା କରିଥିବା ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଏମ୍ସର ସିନିୟର ରେସିଡେଣ୍ଟ ଡା. ମନୀତା ତମାଙ୍ଗଙ୍କୁ 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର'

ଭୁବନେଶ୍ୱର,୨୨।୧୧(ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱର ପେଡିଆଟ୍ରିକ ସର୍ଜରି ବିଭାଗରେ କାର୍ଯ୍ୟରତ ସିନିୟର ରେସିଡେଣ୍ଟ ଡା. ମନୀତା ତମାଙ୍ଗ ଦେଶର ମର୍ଯ୍ୟାଦାଜନକ 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର' ଲାଭ କରିଛନ୍ତି। ନିକଟରେ ଏମ୍ସ ଋଷିକେଶରେ ଆୟୋଜିତ ପେଡିଆଟ୍ରିକ ସର୍ଜନଙ୍କ ସର୍ବଭାରତୀୟ ସମ୍ମିଳନୀ 'ଆଇଏପିଏସ୍‌ସିଓଏନ୍ ୨୦୨୪'ରେ ଡା. ତମାଙ୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭାରତରେ ଶିଶୁରୋଗ ସର୍ଜରି କ୍ଷେତ୍ରରେ କାର୍ଯ୍ୟରତ ସିନିୟର ରେସିଡେଣ୍ଟଙ୍କ ଦ୍ୱାରା ଉଲ୍ଲେଖନୀୟ ଗବେଷଣା ପାଇଁ ଶ୍ରେଷ୍ଠ ସ୍ୱୀକୃତି ଭାବେ ଏହି ପୁରସ୍କାରକୁ ବିବେଚନା କରାଯାଏ। ଇଣ୍ଡିଆନ୍ ଆସୋସିଏଶନ ଅଫ୍ ପେଡିଆଟ୍ରିକ ସର୍ଜନ ଜର୍ନାଲର ସମ୍ପାଦକ ତଥା ଏହି କ୍ଷେତ୍ରର ବିଶିଷ୍ଟ ବିଶେଷଜ୍ଞଙ୍କୁ ନେଇ ଗଠିତ କମିଟି ଦ୍ୱାରା 'ୟୁସି ଚକ୍ରବର୍ତ୍ତୀ ପୁରସ୍କାର' ଚୟନ କରାଯାଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ଆବେଦନ ମଧ୍ୟରୁ କେବଳ ୭ଜଣ ପ୍ରାର୍ଥୀ ଏହି ପ୍ରତିଯୋଗିତା ପାଇଁ ତାଲିକାଭୁକ୍ତ ହୋଇଥିଲେ। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ତମାଙ୍ଗଙ୍କୁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ। ଏଥିସହ ତାଙ୍କର ଉଲ୍ଲେଖନୀୟ ସଫଳତା ଅନେକ ଯୁବ ଡାକ୍ତରଙ୍କୁ ବୃତ୍ତିଗତ କ୍ଷେତ୍ରରେ ଉତ୍କର୍ଷ ଆଣିବାକୁ ପ୍ରେରଣା ଯୋଗାଇବ ବୋଲି ଡ. ବିଶ୍ୱାସ କହିଛନ୍ତି। କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡ଼ାଙ୍କ ସମେତ ଶିଶୁ ସର୍ଜରି ବିଭାଗର ମୁଖ୍ୟ ଡା. ମନୋଜ କୁମାର ମହାନ୍ତି, ଡା. ସୁବ୍ରତ କୁମାର ସାହୁ, ଡା. ବି. ବି. ତ୍ରିପାଠୀ ଏବଂ ଡା. ଆଦିତ୍ୟ ମାନେକର ପ୍ରମୁଖ ଉପସ୍ଥିତ ଥିଲେ।


'ୟୁସି ଚକ୍ରବର୍ତ୍ତୀ ପୁରସ୍କାର' ପାଇଥିବା ଡା. ମନୀତା ତମାଙ୍ଗଙ୍କୁ ଏମ୍ସ୍‌ରେ ସମ୍ବର୍ଦ୍ଧିତ କରାଯାଉଛି।

# ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲା ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ

ଭୁବନେଶ୍ୱର,୨୨।୧୧(ସୁଚିସ୍ମିତା ସାହୁ)

ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଦଶନ୍ଧି ଧରି ଅଣଦେଖା କରାଯାଇ ଆସୁଛି। ତେଣୁ ଏବେ ଶିକ୍ଷା ବିଭାଗ ପ୍ରତି ଗୁରୁତ୍ୱ ଦିଆଯାଉ। ସମସ୍ତ ପଦବୀ ପୂରଣ ଦିଗରେ ବିଭାଗ ପଦକ୍ଷେପ ନେଉ। ପିଲାଙ୍କ ସ୍କୋର ପିଲାମାନଙ୍କୁ ପ୍ରଦାନ କରାଯାଉ। ୧୫ହଜାରରୁ ଊର୍ଦ୍ଧ୍ୱ ପଦବୀ ସୃଷ୍ଟି କରି ପାରଦର୍ଶିତା ବା ଦକ୍ଷତା ସହକାରେ ତ୍ରୁଟି ରହିତ କରିବା ଦାବିରେ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ଦାବି ପୂରଣ ପାଇଁ ନାରାବାଜି ଦେଇଥିଲେ। ଏହା ପରେ ସଂଘର ଏକ ପ୍ରତିନିଧିମଣ୍ଡଳୀ ବିଭାଗୀୟ ଅଧିକାରୀଙ୍କୁ ଭେଟି ସମସ୍ୟା ଉପରେ ଆଲୋଚନା କରିଥିଲେ। ତେବେ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ସଂଘ ଆନ୍ଦୋଳନରୁ ଓହରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଆଶାୟୀ କନିଷ୍ଠ ଶିକ୍ଷକମାନେ ଦାବି ପୂରଣ ପାଇଁ ବାରମ୍ବାର ଆନ୍ଦୋଳନ କରୁଛନ୍ତି।

# ସୁପ୍ରିମ୍‌କୋର୍ଟ ଲିଗାଲ ସର୍ଭିସେସ୍ କମିଟି ଅଧ୍ୟକ୍ଷ ଜଷ୍ଟିସ ସୂର୍ଯ୍ୟକାନ୍ତ

କଟକ,୨୨।୧୧(କାର୍ତ୍ତିକ ସାହୁ)

ନୂଆଦିଲ୍ଲୀସ୍ଥିତ ସୁପ୍ରିମ୍‌କୋର୍ଟ ଲିଗାଲ ସର୍ଭିସେସ୍ କମିଟି ଅଧ୍ୟକ୍ଷ ଭାବେ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ମନୋନୀତ ହୋଇଛନ୍ତି। ସେହିପରି ନ୍ୟାଶନାଲ ଲିଗାଲ ସର୍ଭିସେସ୍ ଅଥରିଟି(ନାଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ମନୋନୀତ ହୋଇଛନ୍ତି। ଉଭୟ ମନୋନୟନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ହୋଇଥିବା ନେଇ ଓଡ଼ିଶା ଲିଗାଲ ସର୍ଭିସେସ୍ ଅଥରିଟି ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ରାଜ୍ୟବ୍ୟାପୀ ଏସ୍‌ଟିଏର ହର୍ନ ଯାଞ୍ଚ

## ଉଲ୍ଲଂଘନକାରୀଙ୍କୁ ଜରିମାନା

କଟକ,୨୨।୧୧ (କାର୍ତ୍ତିକ ସାହୁ)

ମୋଟର ଯାନରେ ବିକଟାଳ ଶବ୍ଦଯୁକ୍ତ ହର୍ନ ଓ ମଲ୍ଟିଟୋନ ହର୍ନ ବିରୋଧରେ କଡ଼ା ଆଭିମୁଖ୍ୟ ପୋଷଣ କରିଛି ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)। ଏହାକୁ ହଟାଇବା ବିରୋଧରେ ରାଜ୍ୟବ୍ୟାପୀ ଚଢ଼ାଉ ଜୋର୍‌ଦାର କରିବାକୁ ପରିବହନ ଆୟୁକ୍ତ ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଟିମ୍ ଗଠନ କରାଯାଇ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଚାଲାଣ କଟାଯାଉଛି। ଏଥିସହ ଗାଡ଼ିରୁ ବେଆଇନ ହର୍ନଗୁଡ଼ିକୁ ବାହାର କରିଦିଆଯାଉଛି।

ସୂଚନାନୁସାରେ, ବାଲେଶ୍ୱରରେ ୪୮ ଗାଡ଼ି ବିରୋଧରେ ଚାଲାଣ କଟିଥିବାବେଳେ ୪୮ ବେଆଇନ ହର୍ନ ବାହାର କରାଯାଇଛି। ସେହିପରି ଚଣ୍ଡିଖୋଲରେ ୨୦ ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୨୦ ବେଆଇନ ହର୍ନବାହାର କରାଯାଇଛି। ସୋନପୁରରେ ୧୯ ଗାଡ଼ିର ଚାଲାଣ କଟାଯାଇଛି ଓ ୧୯ ବେଆଇନ ହର୍ନ ବାହାର କରାଯାଇଛି। ନୟାଗଡ଼ରେ ୧୯ ଗାଡ଼ିର ଚାଲାଣ କଟାଯାଇ ୧୮ ବେଆଇନ ହର୍ନ ବାହାର କରାଯାଇଛି। ରାଉରକେଲାରେ ୧୪ ଗାଡ଼ିର ଚାଲାଣ କଟାଯାଇଛି ଓ ୧୩ ହର୍ନ ବାହାର କରାଯାଇଛି। ବଲାଙ୍ଗୀରରେ ୧୨ ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୧୨ ହର୍ନ ବାହାର କରାଯାଇଛି। ସେହିଭଳି ଦେବଗଡ଼ରେ ୨ଟି ଗାଡ଼ିର ଚାଲାଣ କଟାଯାଇଛି ଓ ୨ ବେଆଇନ ହର୍ନ ବାହାର କରାଯାଇଛି। ଗଞ୍ଜାମରେ ୧୬ଟି ଗାଡ଼ି ବିରୋଧରେ ଚାଲାଣ କଟିଥିବାବେଳେ ୧୬ ବେଆଇନ ହର୍ନ ବାହାର କରାଯାଇଛି। ଭଞ୍ଜନଗରରେ ୭ଟି ଗାଡ଼ିର ଚାଲାଣ କଟିଛି ଏବଂ ୨୧ବେଆଇନ ହର୍ନ ହଟାଯାଇଛି। ବରଗଡ଼ରେ ୧୨ଟି ଗାଡ଼ି ବିରୋଧରେ ଚାଲାଣ କଟିଛି ଓ ୧୨ ବେଆଇନ ହର୍ନ ବାହାର କରାଯାଇଛି। ଝାରସୁଗୁଡ଼ାରେ ୧୮ଟି ଗାଡ଼ିର ଚାଲାଣ କଟିଛି ଓ ୧୫ ବେଆଇନ ହର୍ନ ବାହାର କରାଯାଇଛି। ଢେଙ୍କାନାଳରେ ୧୭ଟି ଗାଡ଼ିର ଚାଲାଣ କଟିଛି ଓ ୧୭ ବେଆଇନ ହର୍ନ ବାହାର କରାଯାଇଛି। ସୁନ୍ଦରଗଡ଼ରେ ୯ଟି ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୧୧ ହର୍ନ ବାହାର କରାଯାଇଛି। ଅନୁଗୋଳରେ ୧୪ଟି ଗାଡ଼ିର ଚାଲାଣ କଟାଯାଇଛି ଓ ୧୪ଟି ବେଆଇନ ହର୍ନ ବାହାର କରାଯାଇଛି।

ସେହିପରି ଭଦ୍ରକରେ ଯାଞ୍ଚବେଳେ ୩ଟି ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୩ଟି ବେଆଇନ ହର୍ନ ବାହାର କରାଯାଇଛି। ମାଲକାନଗିରିରେ ୨ଟି ଗାଡିର ଚାଲାଣ କଟିଛି ଓ ୨ଟି ହର୍ନ ବାହାର କରାଯାଇଛି। ଫୁଲବାଣୀରେ ୯ଟି ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୯ଟି ବେଆଇନ ହର୍ନ ବାହାର କରାଯାଇଛି। ନୂଆପଡ଼ାରେ ୩ଟି ଗାଡ଼ିର ଚାଲାଣ କରାଯାଇ ୩ଟି ବେଆଇନ ହର୍ନ ବାହାର କରାଯାଇଛି। ଗଜପତିରେ ୨ଟି ଗାଡ଼ିର ଚାଲାଣ କଟିଛି ଓ ୨ଟି ବେଆଇନ ହର୍ନ ବାହାର କରାଯାଇଛି। କୋରାପୁଟରେ ୭ଟି ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୧୦ଟି ବେଆଇନ ହର୍ନ ବାହାର କରାଯାଇଛି। ତାଳଚେରରେ ୩ଟି ଗାଡ଼ିର ଚାଲାଣ କଟାଯାଇ ୩ଟି ବେଆଇନ ହର୍ନ ହଟାଯାଇଛି। ରାଇରଙ୍ଗପୁରରେ ୫ ଗାଡ଼ିର ଚାଲାଣ କଟାଯାଇ ୫ ବେଆଇନ ହର୍ନ ବାହାର କରାଯାଇଛି। ବଡ଼ବିଲରେ ୫ ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୮ ବେଆଇନ ହର୍ନ ବାହାର କରାଯାଇଛି। କଳାହାଣ୍ଡିରେ ୮ ଗାଡ଼ିର ଚାଲାଣ କଟାଯାଇ ୮ ବେଆଇନ ହର୍ନ ବାହାର କରାଯାଇଛି। ନବରଙ୍ଗପୁରରେ ୯ ଗାଡ଼ିର ଚାଲାଣ କଟାଯାଇ ୯ ବେଆଇନ ହର୍ନ ବାହାର କରାଯାଇଛି। ବୌଦ୍ଧରେ ୪ ଗାଡ଼ିର ଚାଲାଣ କଟାଯାଇ ୪ ବେଆଇନ ହର୍ନ ବାହାର କରାଯାଇଛି। ଜଗତ୍‌ସିଂହପୁରରେ ୬ ଗାଡ଼ିର ଚାଲାଣ କଟାଯାଇଥିବାବେଳେ ୨୦ ବେଆଇନ ହର୍ନ ବାହାର କରାଯାଇଛି।

ଆଗକୁ ଏହି ଯାଞ୍ଚ ଆହୁରି ବ୍ୟାପକ କରାଯିବ ବୋଲି ପରିବହନ ଆୟୁକ୍ତ ସୂଚନା ଦେଇଛନ୍ତି। ବେଆଇନ ହର୍ନ ଦ୍ୱାରା ଶବ୍ଦ ପ୍ରଦୂଷଣ ସହ ଅନ୍ୟ ସଡ଼କ ବ୍ୟବହାରକାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ମୋଟର ଯାନ ଆଇନ୍‌ରେ ଏଭଳି ବିକଟାଳ, ଉଚ୍ଚସ୍ୱର ଯୁକ୍ତ ପ୍ରେସର ହର୍ନ, ମଲ୍ଟିଟୋନ ହର୍ନ ବିରୋଧରେ କାର୍ଯ୍ୟାନୁଷ୍ଠାନର ନିୟମ ରହିଛି। ସେହି ଆଧାରରେ ସମସ୍ତ ଆର୍‌ଟିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମହମ୍ମଦ


@ ଅର୍ଜୁନ


@ ରାକେଶ


@ ସୁବ୍ରତ


@ ସ୍ୱାତୀ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍କୁଲ ସ୍ତରରେ ବାଧ୍ୟତାମୂଳକ ହୋଇପାରେ ଦକ୍ଷତା ବିକାଶ ପାଠ୍ୟକ୍ରମ : ସିବିଏସ୍‌ଇ ଅଧ୍ୟକ୍ଷ

ଭୁବନେଶ୍ୱର,୨୨।୧୧ (ଅନୁରାଧା ମହାରଣା)

ବିଦ୍ୟାଳୟଗୁଡ଼ିକରେ ଦକ୍ଷତା ବିକାଶ ଶିକ୍ଷାକୁ ବ୍ୟାପକ କରିବା ଦ୍ୱାରା ଛାତ୍ରୀଛାତ୍ର ଭଲ ନିଯୁକ୍ତି ପାଇପାରିବେ। ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଭୁବନେଶ୍ୱର ଚାପ୍ଟର ସହଯୋଗରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପକ୍ଷରୁ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ଦକ୍ଷତା ସମ୍ମିଳନୀକୁ ଉଦ୍‌ଘାଟନ କରି ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂ ଏହା କହିଛନ୍ତି। ଦକ୍ଷତା ବିକାଶ ପାଠ୍ୟକ୍ରମକୁ ସ୍କୁଲ ସ୍ତରରେ ବାଧ୍ୟତାମୂଳକ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ନେଇ ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସିବିଏସ୍‌ଇର ନିର୍ଦ୍ଦେଶକ(ବିଦ୍ୟାଳୟ ଶିକ୍ଷା) ବିଶ୍ୱଜିତ୍ ଶାହା ସ୍ୱାଗତ ଭାଷଣ ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କର୍ମଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦକ୍ଷତା ପାଠ୍ୟକ୍ରମରେ ଶିକ୍ଷକଙ୍କ ଆହ୍ୱାନ, ଧନ୍ଦାମୂଳକ ତାଲିମକୁ ପୁନଃଗଠନ, ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଇଏଲ୍‌ଆଇଟି ମହାନିର୍ଦ୍ଦେଶକ ମଦନ ମୋହନ ତ୍ରିପାଠୀ ଯୋଗଦେଇ ଦକ୍ଷତା ବିକାଶ ଭବିଷ୍ୟତ ଗଠନରେ କିପରି ସହାୟକ ହେବ ସେ ବିଷୟରେ ମତ ରଖିଥିଲେ। ଶିକ୍ଷା ବିଶେଷଜ୍ଞ ରାମ ଶଙ୍କର, ପ୍ରଜ୍ଞା ସିଂ, ଜୟ କୁମାର ବାର୍ତ୍ତା, ବିବେକ କୁମାର ସିଂ, ସଞ୍ଜୀବ ଦାଶ ପ୍ରମୁଖ ଉତ୍ସବରେ ସାମିଲ ହୋଇଥିଲେ। ଫିନଲ୍ୟାଣ୍ଡ, ଜର୍ମାନୀ, ଆମେରିକା ସମେତ ବିଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶେଷଜ୍ଞମାନେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ବିକାଶଧାରା, ଶିକ୍ଷାଦାନ ଶିକ୍ଷଣରେ ପ୍ରଯୁକ୍ତିବିଦ୍ୟାର ଏକୀକରଣ, ଏକବିଂଶ ଶତାବ୍ଦୀରେ କର୍ମଜୀବୀଙ୍କ ଚାହିଦା ସହିତ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟରୁ ପ୍ରାୟ ୧୦୦୦ ଅଧ୍ୟକ୍ଷ ଓ ୨ ହଜାରରୁ ଅଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

